


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 JANUARY 2025
Vol.No. 36 ■ No.24 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅସାଧୁ ରୂପେ ମଦ ବିକିଲେ କାର୍ଯ୍ୟାନୁଷ୍ଠାନ: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର, ୨୪/୧ (ନି.ପ୍ର): ଅସାଧୁ ରୂପେ ମଦ ଅଧିକ ଦାମରେ ବିକ୍ରି କଲେ ଦୃଢକାର୍ଯ୍ୟାନୁଷ୍ଠାନ ହେବ। ଏଭଳି କେସ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ। ସରକାରଙ୍କ ନିର୍ଦ୍ଧାରିତ ମଦ ଦର ଠାରୁ ଏକ ପଇସା ଅଧିକ ନେବା କୌଣସି ଡିଲରଙ୍କ ଅଧିକାର ନାହିଁ ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କିଛି ଜାଗାରେ ମଦ ଦରବୃଦ୍ଧି ହୋଇଛି, ଏହାସତ୍ତ୍ୱେ ବି ରାଜ୍ୟରେ କିଛି ଅସାଧୁ ବ୍ୟବସାୟୀ ମଦ ଚଢ଼ାଦରରେ ବିକ୍ରି କରୁଛନ୍ତି। ଏଭଳି କିଛି କେସ ଆମ ପାଖକୁ ଆସିଛି। ଗଞ୍ଜାମ ଜିଲ୍ଲାରେ ଗୋଟିଏ ଦୁଇଟି କେସ ଆମ ପାଖକୁ ଆସିଥିଲା ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗକୁ ଏଭଳି ଘଟଣା ସାମ୍ନାକୁ ଆସିଲେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟକା

## ଜନ୍ମଜାତ ପ୍ରମାଣପତ୍ର ନେଇ ନୂଆ ନିୟମ ଉପରେ ରୋକ ଲଗାଇଲେ କୋର୍ଟ

ନୂଆଦିଲ୍ଲୀ, ୨୪/୧ : କ୍ଷମତାକୁ ଆସୁ ଆସୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ନୂଆ ଆଇନ ଆଣୁଛନ୍ତି । ଯାହାକୁ ନେଇ ଆମେରିକା ସମେତ ସାରା ବିଶ୍ୱର ବିତର୍କ ଆରମ୍ଭ ହୋଇଯାଇଛି । ଟ୍ରମ୍ପଙ୍କ ଦ୍ୱିତୀୟ ଇନିଂସରେ ହ୍ୱାଇଟହାଉସର କୋଠର ଆଭିମୁଖ୍ୟ ଦେଖିବାକୁ ମିଳୁଛି । ଟ୍ରମ୍ପଙ୍କ ଜନ୍ମଜାତ ପ୍ରମାଣପତ୍ର ନେଇ ନୂଆ ନିୟମ ଉପରେ ରୋକ ଲଗାଇଛନ୍ତି ଆମୋରିକା କୋର୍ଟ । ଆମେରିକାର ଜନ୍ମଗତ ନାଗରିକତ୍ୱ ଅଧିକାର ଉଚ୍ଛେଦ ନେଇ ଟ୍ରମ୍ପ ଜାରି କରିଥିବା ନିର୍ଦ୍ଦେଶକୁ ବିରୋଧ କରି ୨୨ଟି ପ୍ରାଦେଶିକ ସରକାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆମେରିକାର ୫୦ଟି ରାଜ୍ୟ ମଧ୍ୟରୁ ୨୨ଟି ରାଜ୍ୟ ସରକାର ଟ୍ରମ୍ପଙ୍କ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି । ଏହା ସହିତ ଆମେରିକାନ ସିଭିଲ୍ ଲିର୍ବର୍ଟିଜ୍ ୟୁନିୟନ, ଦେଶାଟନ ସଂଗଠନ ଓ ସନ୍ତାନ ଜନ୍ମ ଦେବାକୁ ଯାଉଥିବା କିଛି ମହିଳା ଟ୍ରମ୍ପଙ୍କ ନିଷ୍ପତ୍ତି କୁ ବିରୋଧ କରୁଛନ୍ତି । ସେପଟେ ଏବେ ଆମେରିକାରେ ହଜାର ହଜାର ଭାରତୀୟ ଅସ୍ଥାୟୀ ଏଚ-୧ବି ଓ ଏଲ-୧ ଭିସାରେ କାମ କରୁଛନ୍ତି। ସେମାନେ ଆମେରିକାର ସ୍ଥାୟୀ ନାଗରିକ ପାଇଁ ଗ୍ରୀନ କାର୍ଡ ଅପେକ୍ଷାରେ ରହିଛନ୍ତି। ବାପା ମା'ଙ୍କ



ମଧ୍ୟରୁ ଜଣେ ଆମେରିକୀୟ ହୋଇ ନଥିବେ କିମ୍ବା ସେମାନଙ୍କ ପାଖରେ ଗ୍ରୀନ କାର୍ଡ ନ ଥିବ, ତା'ହେଲେ ସେମାନଙ୍କ ଠାରୁ ଜନ୍ମିତ ପିଲାଙ୍କୁ ଫେବ୍ରୁଆରୀ ୨୦ ଠାରୁ ଆଉ ଆପେଆପେ ଆମେରିକୀୟ ନାଗରିକତା ମିଳିବ ନାହିଁ। ତେଣୁ ଚିନ୍ତାରେ ଅଛନ୍ତି ଲକ୍ଷ ଲକ୍ଷ ପ୍ରବାସୀ ଭାରତୀୟ।

## ଆରମ୍ଭହେଲା ଆବାସ ଯୋଜନାର ସର୍ଭେ

ଭୁବନେଶ୍ୱର, ୨୪/୧(ନି.ପ୍ର) : ପ୍ରଥମଥର ନୂଆ ଢଙ୍ଗରେ ଆଶାୟୀଙ୍କ ଉପସ୍ଥିତିରେ ଆରମ୍ଭ ହେଲା ଆବାସ ସର୍ଭେ । ଖୋଦ୍ ସରକାର ଆଶାୟୀଙ୍କ କୁଡ଼ିଆ ଘରକୁ ଯାଇ, ଯୋଗ୍ୟତାକୁ ଦେଖି ଆବେଦନ କରାଇ, ପିଏମ୍ ଆବାସ ଯୋଜନାରେ ସାମିଲ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ ପୁରୀରୁ ଆଜି ଏଇ ଯୋଜନାର ଶୁଭାରମ୍ଭ କରିଛନ୍ତି। ଆବାସ ଆଶାୟୀ ସରକାରଙ୍କ ଏ ପଦକ୍ଷେପକୁ ନେଇ ଉତ୍ସାହିତ ଥିବା ବେଳେ ତା ଭିତରେ ରାଜନୀତି ବି ଆରମ୍ଭ ହୋଇଯାଇଛି । ସରକାରୀ ଅଧିକାରୀଙ୍କ ସହ ମନ୍ତ୍ରୀ ଆସିଲେ...ବୁଲି ବୁଲି ଜରିପାଲ-ନଡ଼ିଆପତ୍ର ଟାଟିରେ ଢଙ୍କା ଭଙ୍ଗା କୁଡ଼ିଆ ସବୁ ଦେଖିଲେ...ଗରିବ ପରିବାର ମୁଣ୍ଡରେ ନିଶ୍ଚିତ ଛାତ ଘରର ସ୍ୱପ୍ନ ବୁଣି ଆବାସ ସର୍ଭେରେ ସାମିଲ୍ କଲେ...। ପିପିଲି ବ୍ଲକ୍ ଜସୁଆପୁର ପଞ୍ଚାୟତ ଅର୍ଜୁନସିଂହପୁର ଗାଆଁରୁ ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆ ହିତାଧିକାରୀ ଚୟନ ଲାଗି ସର୍ଭେ ଆରମ୍ଭ କରିଛନ୍ତି ମୋହନ ସରକାର । ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ପଞ୍ଚାୟତିରାଜ୍ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ ଗାଁର ୫ ଜଣ ନୂଆ ଆଶାୟୀଙ୍କୁ ଆବାସ ପ୍ଲସ୍ ମୋବାଇଲ୍ ଆପ୍ ଜରିଆରେ ଆବେଦନ କରାଯାଇଛି । ପୂର୍ବ ସରକାର ଅମଳରେ ସର୍ଭେ ▶▶ପୃଷ୍ଠା ୭

## ଅହଙ୍କାର ଯୋଗୁଁ ବିଜେଡ଼ି ହାରିଲା: ଅରୁଣ ସାହୁ

ଭୁବନେଶ୍ୱର, ୨୪/୧ (ନି.ପ୍ର): ୨୦୨୪ ନିର୍ବାଚନରେ ବିଜେଡି ପରାଜୟ ପଛର କାରଣ ଖୋଜା ଚାଲିଥିବା ବେଳେ ବିଧାୟକ ଅରୁଣ ସାହୁଙ୍କ ବୟାନ ରାଜ୍ୟ ରାଜନୀତିରେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ସେପଟେ ଦଳ ଭିତରେ ଥିବା କନ୍ଦଳର ଚିତ୍ର ମଧ ସାମ୍ନାକୁ ଆସିଛି । ସାଂସଦ



ଦେବାଶିଷ ସାମନ୍ତରାୟଙ୍କ ଘରେ ଯୁବନେତା ଏକାଠି ହେବା ଘଟଣା ଦଳର ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁଙ୍କ ଏହି କଥା ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ବିଜେଡି ପରାଜୟ ପଛର କାରଣ ସମସ୍ତେ ▶▶ପୃଷ୍ଠା ୭

## ୪କୋଟିର ସାଇବର ଠକେଇ: ବନ୍ଧା ହେଲେ ୭

ଭୁବନେଶ୍ୱର, ୨୪/୧(ନି.ପ୍ର) : ଲୋଭ ଦେଖାଇ ବୈଜ୍ଞାନିକ ଓ ବ୍ୟବସାୟୀଙ୍କୁ ଚୂନ ଲଗାଇଥିଲେ। ୪ କୋଟିରୁ ଅଧିକ ଟଙ୍କା ଠକି ନେଇଥିଲେ। ଏହି ମାମଲାରେ ପୂର୍ବରୁ ୫ ଜଣ ବନ୍ଧା ହୋଇଥିବା ବେଳେ ଏବେ ଆଉ ଦୁଇ ଜଣଙ୍କୁ ମଧ୍ୟପ୍ରଦେଶର ଉଜ୍ଜୟିନୀରୁ ବାନ୍ଧିଛି କ୍ରାଇମ ବ୍ରାଞ୍ଚ। ଭୁବନେଶ୍ୱରରେ ଜଣେ ବୈଜ୍ଞାନିକଙ୍କ ଆଧାର ନମ୍ବର ଓ ତାଙ୍କ ନାଁ ବ୍ୟବହାର କରି ଜାପାନକୁ କୋରିଅର ପଠାଯାଇଥିବା ନେଇ ଅଜ୍ଞାତ କଲ ଆସିଥିଲା। ସେହି କୋରିଅରରେ ୫ଟି ପାସପୋର୍ଟ, ୩ଟି କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ୍ ବେଆଇନ ଡ୍ରଗ୍ସ, ୪ କେଜି ଲୁଗାପଟା, ଲାପଟପ୍ ଓ ୩୫ ହଜାର ଟଙ୍କା ଥିଲା ବୋଲି କୁହାଯାଇଥିଲା। ଏଥିସହ ଧମକ ଦିଆଯାଇଥିଲା। ସମ୍ପୃକ୍ତ କୋରିଅରଟିକୁ କଷ୍ଟମ୍ସ ବିଭାଗ ଜବତ କରି ନାରକୋଟିକ୍ସ ବିଭାଗରେ ଏତଲା ଦେଇଛି। ▶▶ପୃଷ୍ଠା ୭

## ଐତିହାସିକ ହେବ ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୧(ନି.ପ୍ର) : ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ ଆସନ୍ତା ୨୮-୨୯ରେ ଅନୁଷ୍ଠିତ ହେବ। ଏହି ବିଶାଳ ବ୍ୟବସାୟିକ ସମାରୋହ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜନତା ମଇଦାନରେ ଏହାର ପ୍ରସ୍ତୁତି ସଂପର୍କିତ ଅନୁଧାନ କରିଛନ୍ତି। ପ୍ରସ୍ତୁତିସ୍ଥଳ ବୁଲିଲା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବ। ରାଜ୍ୟ ପାଇଁ ଏକ ସୁଦୃଢ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।



ରାଜ୍ୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ। ଏହାସହିତ ଶ୍ରମିକ, କୃଷକମାନଙ୍କ ପରି ସାଧାରଣ ଲୋକଙ୍କ ପାଇଁ ମଧ ବିପୁଳ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଇନଭେଷ୍ଟର୍ସ ମିଟ୍ ରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି ଏବଂ ଏହାଦ୍ୱାରା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ ସୃଷ୍ଟି ହେବ। ୧୦୦ଟି ଅଧିକ ନିବେଶକ ଏମଓୟୁ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜାନୁଆରି ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଉଦ୍‌ଘାଟନ କରିବେ। ଗତ ୭ ମାସ ମଧ୍ୟରେ ଓଡିଶାକୁ ଏହା ତାଙ୍କର ପଞ୍ଚମ ଗସ୍ତ ହେବ। ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି। ▶▶ପୃଷ୍ଠା ୭

## ଛତିଶଗଡ ଏନକାଉଣ୍ଟରରେ ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ

ଭୁବନେଶ୍ୱର, ୨୪/୧(ନି.ପ୍ର) : ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ମାଓ ଏନକାଉଣ୍ଟର ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ। ନିପାତ ମାଓବାଦୀଙ୍କ ମଧ୍ୟରେ ଜଣେ ଓଡ଼ିଆ ଥିବା ଛତିଶଗଡ଼ ପୋଲିସ ସୂଚନା ଦେଇଛି। ଯାହା ନାଁ ଆଲୋକ ଓରଫ୍ ମୁନ୍ନା ଓରଫ୍ ବାଉରୀବନ୍ଧୁ ସେଠୀ। ଘର କଟକ ଜିଲ୍ଲା ନିଆଳି ଥାନା କୁଳଶ୍ରୀ ଗାଁରେ। ଯିଏ ୨୦ ବର୍ଷ ତଳେ ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ସଂସ୍ପର୍ଶରେ ଆସି ଗାଁ ଛାଡ଼ି ମାଓ ସଂଗଠନରେ ମିଶିଥିବା ଗାଁ ଲୋକେ କହିଛନ୍ତି। ଏପରିକି ପରିବାର ଲୋକେ ବି ସୁରାଗ୍ ପାଇନଥିଲେ। ଶେଷରେ ଛତିଶଗଡ଼ ପୋଲିସର ସୂଚନା ପରେ ପୁରା ଅଂଚଳରେ ଏବେ ବାଉରୀବନ୍ଧୁଙ୍କୁ ନେଇ ଚର୍ଚ୍ଚା। ବାଉରୀ ବନ୍ଧୁ ଥିଲା ଏ ପରିବାରର ସମସ୍ତଙ୍କ ପ୍ରିୟ। କିନ୍ତୁ ସେହି ପୁଅ ଯେ ନକ୍ସଲ ସାଜିବ ଆଉ ଜଙ୍ଗଲ ଭିତରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିପଡ଼ିବ ଏହା କେହି କଳ୍ପନା ବି କରି ନଥିଲେ। ▶▶ପୃଷ୍ଠା ୭

## ଟଙ୍କା ଭର୍ତ୍ତି ଏଟିଏମ ମେସିନ ଲୁଟ୍

ଭୁବନେଶ୍ୱର, ୨୪/୧ (ନି.ପ୍ର): ରାଜଧାନୀରେ କମିଶନରେଟ ପୋଲିସକୁ ଅପରାଧୀଙ୍କୁ ଖୋଲା ଚାଲେଞ୍ଜ । ଟଙ୍କା ଭର୍ତି ଏଟିଏମ ମେସିନ ଟେକିନେଇଗଲେ ଦୁର୍ବୃତ୍ତ । ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ସାମନ୍ତରାପୁର ଶ୍ରୀରାମନଗର ଅଂଚଳରେ । ଗତକାଲି ବିଳମ୍ବିତ ରାତିରେ ଶ୍ରୀରାମନଗରରେ ଥିବା ଏସବିଆଇ ଏଟିଏମ ମେସିନ ସହ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଲୁଟ ବେଳର ସିସିଟିଭି ଫଟୋ ମଧ ସାମ୍ନାକୁ ଆସିଛି । ଯେଉଁଥିରେ ଦୁଇଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଏଟିଏମ ଭିତରେ ପଶିଥିଲେ । ଖବର ପାଇ ସକାଳୁ ସକାଳୁ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ସ୍ଥାନୀୟ ଅଂଚଳର ସିସିଟିଭି ଯାଂଚ ପରେ ସୁନ୍ଦରପଦା ଜଟଣୀ ରାସ୍ତାରେ ଥିବା ଗଙ୍ଗୁଆ ନାଳରୁ ଭଙ୍ଗାରୁଜା ଅବସ୍ଥାରେ ଏଟିଏମକୁ ଜବତ କରାଯାଇଛି । ଦୁର୍ବୃତ୍ତ ଏଟିଏମ ମେସିନ ଭାଙ୍ଗି ଟଙ୍କା ନେଇଯାଇ ଥିବାବେଳେ ଏଟିଏମ ଫିଙ୍ଗି ଛୁ ମାରିଛନ୍ତି ।

## ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୮ ମୃତ

ନୂଆଦିଲ୍ଲୀ, ୨୪/୧ : ଆଜି ସକାଳ ୧୦ଟା ବେଳେ ହଠାତ୍ ହେଲା ବିସ୍ଫୋରଣ । ମହାରାଷ୍ଟ୍ରର ଭଣ୍ଡାରାରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରିରେ ଏହି ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡକରୀ । ଦୁର୍ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ ଏହି ସୂଚନା ସେ ଦେଇଛନ୍ତି । ଫ୍ୟାକ୍ଟ୍ରିର ଆର୍ କେ ବ୍ରାଞ୍ଚ ସେକ୍ସନ ବିସ୍ଫୋରଣରେ ଛାରଖାର ହୋଇଯାଇଛି । ବିସ୍ଫୋରଣର ତୀବ୍ରତା ଏତେ ଭୟଙ୍କର ଥିଲା ଯେ, ଛାତ ଭୁଶୁଡି ପଡିଲା । ତା' ତଳେ ଚାପି ହୋଇ ରହିଯାଇଥିଲେ ୧୨ ଜଣ । ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଏବେ ବି ୧୦ ଜଣ ଚାପି ହୋଇ ରହିଛନ୍ତି । ଏହି ଦୁର୍ଘଟଣା ପରେ ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ନିଆଁ ଲିଭାଯିବା ସହ ଉଦ୍ଧାର କାର୍ଯ୍ୟ ମଧ ଚାଲିଛି । ଭୁଶୁଡି ପଡିଥିବା ଛାତକୁ ଜେସିବି ସାହାଯ୍ୟରେ ହଟାଯାଉଛି । ଘଟଣାସ୍ଥଳରୁ ଅଳିଆ ବା ଧ୍ୱଂସାବଶେଷ ସଫା କରାଯାଉଛି । ସେଠାରେ ବହୁ ଦମକଳ ଗାଡି ନିୟୋଜିତ କରାଯାଇଛି । ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ସେଠାରେ ପହଞ୍ଚିଛନ୍ତି । ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫୋର୍ସ (ଝଉଜର) ମଧ ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଛି । କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡକରୀ ଏହାକୁ ଏକ ଦୁଃଖଦ ଘଟଣା ବୋଲି କହିଛନ୍ତି । ନାଗପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହି ପ୍ରତିକ୍ରିୟା ଦେଇଛନ୍ତି । ମୃତ୍ୟୁବରଣ କରିଥିବା ଲୋକଙ୍କୁ ସମ୍ମାନ ଜଣାଇ ସେ ଏକ ମିନିଟ ନୀରବ ପ୍ରାର୍ଥନା କରିବାକୁ ସେ ଅନୁରୋଧ କରିଥିଲେ । ତା ପରେ ସେ ଯୋଗ ଦେଇଥିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ରାଜନାଥ । କ୍ଷତିଗ୍ରସ୍ତମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।

## ପୁରୀ-ବଡବିଲ ଏକ୍ସପ୍ରେସରୁ ପଡି ଯୁବତୀ ମୃତ

ହରିଚନ୍ଦନପୁର, ୨୪/୧(ନି.ପ୍ର) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଟାଙ୍ଗିରିଆପାଳ ଷ୍ଟେସନ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଆଜି ସକାଳ ପ୍ରାୟ ୧୧ଟା ସମୟରେ ପୁରୀ-ବଡବିଲ ଏକ୍ସପ୍ରେସରେ କେନ୍ଦୁଝର ତୁରୁମୁଙ୍ଗା ଥାନା ଦଳଙ୍ଗ ଅଞ୍ଚଳର ନମ୍ରତା ବେହେରା ନାମକ ଜଣେ ଛାତ୍ରୀ ଭୁବନେଶ୍ୱର ଠାରୁ କେନ୍ଦୁଝର ଅଭିମୁଖେ ପୁରୀ-ବଡବିଲ ଏକ୍ସପ୍ରେସରେ ପାଞ୍ଚ ଜଣ ସାଙ୍ଗ ମାନଙ୍କ ସହିତ ଏକ୍ସାମ ସାରି ଫେରୁଥିବା ବେଳେ ଟାଙ୍ଗିରିଆପାଳ ଷ୍ଟେସନ ଛାଡିବା ପରେ ସେ ବାଥରୁମ ଯିବାକୁ କହି ବସି ଥିବା ଜାଗାରୁ ଉଠି ବାଥରୁମ ଆଡକୁ ଯାଇଥିଲେ, ତେବେ କେତେକ ଯାତ୍ରୀ ଉକ୍ତ ଛାତ୍ରୀ ଟ୍ରେନ ରୁ ତଳକୁ ଖସି ପଡିଥିବା ଦେଖି ଟ୍ରେନର ଚେନ୍ ଟାଣି ଗାଡି ଅଟକାଇ ଥିଲେ। ହେଲେ ସେତେବେଳକୁ ଛାତ୍ରୀ ଜଣଙ୍କର ମୃତ୍ୟୁ ହୋଇ ସାରିଥିଲା। ଘଟଣାସ୍ଥଳରେ ଜିଆରପି ପୋଲିସ ପହଞ୍ଚି ଏ ସମ୍ପର୍କରେ ତଦନ୍ତ ଜାରି ରଖିଛି ।

## ବିଜେପି ଯାହା ବାଣ୍ଟୁଛି ନିଅ, କିନ୍ତୁ ଭୋଟ ଦିଅନି: ଭୋଟରଙ୍କୁ କେଜ୍ରିୱାଲଙ୍କ ପରାମର୍ଶ

ନୂଆଦିଲ୍ଲୀ, ୨୪/୧ : ଆମ ଆଦମୀ ପାର୍ଟି (ଆପ) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିଜେପି ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ବିଜେପି ନେତାମାନେ ପୁଲିସ ଉପସ୍ଥିତିରେ ଭୋଟରଙ୍କୁ ଖୋଲାଖୋଲି ଭାବେ ଟଙ୍କା, ମଦ ଓ ସୁନା ଚେନ ବାଣ୍ଟୁଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି। ବିଗତ ଦେଢ଼ମାସ ହେବ ବିଜେପି ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏକ ଭିଡିଓ ପୋଷ୍ଟ କରି ଅଭିଯୋଗ କରିଛନ୍ତି। କେଜ୍ରିୱାଲ କହିଛନ୍ତି, କେହି




ନିର୍ବାଚନ ଆୟୋଗ ଏବଂ ଆଇନକୁ ଭୟ କରୁନାହାନ୍ତି। ଏପରି କି ପୁଲିସ ବି ଏସବୁକୁ ସୁରକ୍ଷା ଦେଉଛି। ଏହା ଗଣତାନ୍ତ୍ରିକ ପଦ୍ଧତି ପ୍ରତି ଘୋର ବିପଦ। ଯେଉଁ ଟଙ୍କା ଏବଂ ସାମଗ୍ରୀ ବଣ୍ଟାଯାଉଛି ତାହା ସରକାରୀ ପାଣ୍ଠି ନୁହେଁ। ଏସବୁ ଦୁର୍ନୀତି ଜରିଆରେ ଲୋକଙ୍କଠାରୁ ଲୁଟ କରାଯାଇଥିବା ସମ୍ପତ୍ତି। ତେଣୁ କୌଣସି ଭୋଟର ନିଜର ଭୋଟ ବିକ୍ରି କରନ୍ତୁନି ବୋଲି କେଜ୍ରିୱାଲ ନିବେଦନ କରିଛନ୍ତି। ମାତ୍ର ୧୧୧୧ ଟଙ୍କା, ଗୋଟିଏ ଶାଢ଼ି, କମ୍ବଳ, ଜୋତା ପାଇଁ ନିଜର ମୂଲ୍ୟବାନ ଭୋଟ ନ ବିକିବାକୁ ସେ କହିଛନ୍ତି। ବିଜେପି ନେତାମାନେ ଯାହାସବୁ ବାଣ୍ଟୁଛନ୍ତି, ସେସବୁ ଗ୍ରହଣ କର, କିନ୍ତୁ ସେହି ଦଳକୁ ଭୋଟ ଦିଅ ନାହିଁ ବୋଲି କେଜ୍ରିୱାଲ ଭୋଟରମାନଙ୍କୁ ଆହ୍ୱାନ କରିଛନ୍ତି।

## ପ୍ରୟାଗରାଜ ଯିବେ ପ୍ରଧାନମନ୍ତ୍ରୀ

### ତ୍ରିବେଣୀ ସଙ୍ଗମରେ ବୁଡ ପକାଇବା ସହ ସ୍ୱତନ୍ତ୍ର ପୂଜାପାଠ କରିବା ପରେ ସାଧୁସନ୍ଥଙ୍କୁ ଭେଟିବେ

ନୂଆଦିଲ୍ଲୀ, ୨୪/୧ : ଫେବ୍ରୁଆରୀ ୫ରେ ଉତରପ୍ରଦେଶର ପ୍ରୟାଗରାଜ ଯିବେ ପ୍ରଧାନମନ୍ତ୍ରୀ ମୋଦୀ । ସୂଚନା ଅନୁସାରେ ତ୍ରିବେଣୀ ସଙ୍ଗମରେ ବୁଡ ପକାଇବା ସହ ସ୍ୱତନ୍ତ୍ର ପୂଜାପାଠ କରିବା ପରେ ସାଧୁସନ୍ଥଙ୍କୁ ଭେଟିବେ । ୧୩ଟି ଆଖାଡା ପରିଦର୍ଶନ କରିବା କାର୍ଯ୍ୟକ୍ରମ ମଧ ରହିଛି । ଏଥିସହ ପ୍ରୟାଗରାଜର ଅନେକ ବିକାଶମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବେ ମୋଦୀ । ସେହିପରି ଜାନୁଆରୀ ୨୭ରେ



ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖନ ଯିବା କାର୍ଯ୍ୟକ୍ରମ ମଧ ରହିଛି । ତେବେ ଏନେଇ କୌଣସି ଔପଚାରିକ ଘୋଷଣା କରାଯାଇନି ।

## କେନ୍ଦ୍ରାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୪/୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ ଗରାପୁରସ୍ଥିତ 'ଶିକ୍ଷକ ଭବନ' ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ରାଜକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ମଣ୍ଡଳାଧିକାରୀ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସରପଂଚ କଳ୍ପନା ମହାନ୍ତି, ଉପଦେଷ୍ଟା ଶିକ୍ଷକ ଭାସ୍କର ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ୨୦୨୩-୨୪ ଶିକ୍ଷାବର୍ଷରେ ସେବାନିବୃତ୍ତ ଶିକ୍ଷକ/ଶିକ୍ଷିକାମାନଙ୍କୁ ପ୍ରଧାନ ଶିକ୍ଷକ ସୁପ୍ରଭାରାଣୀ ପ୍ରଧାନ, ସବିତା ପଣ୍ଡା, ତ୍ରୈଲୋକ୍ୟ ମହାନ୍ତି, ରତ୍ନମଣୀ ପଣ୍ଡା, ରବିନ୍ଦ୍ର କୁମାର ଦାସ ପ୍ରଭୃତି ୨୬ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ନୂତନ ଭାବରେ ନିଯୁକ୍ତ ଶିକ୍ଷକ/ଶିକ୍ଷିକାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷକତା କେବେ ସରେ ନାହିଁ । ଶିକ୍ଷକ ସବୁବେଳେ ଶିକ୍ଷକ । ଶିକ୍ଷକତାକୁ ପେଶା ନ ଭାବି ସେବା ଭାବିଲେ ସମାଜର ମଙ୍ଗଳ ହେବ ।

# ମୟୂରଭଞ୍ଜ କେଶରୀୟା ପରିବାରର ପକ୍ଷରୁ ନେତାଜୀଙ୍କର ୧୨୮ତମ ଜନ୍ମ ଜୟନ୍ତୀ ଓ ପରାକ୍ରମ ଦିବସ ପାଳିତ



ବାରିପଦା, ୨୪/୧ (ନି.ପ୍ର): ପରାକ୍ରମ ଦିବସରେ ଭାରତର ସଂଘବଦ୍ଧ ସ୍ୱର ମହାନ୍ ଜନନାୟକ, ନେତାଜୀଙ୍କ ୧୨୮ତମ ଜନ୍ମଜୟନ୍ତୀ ଅବସରରେ ସମଗ୍ର ଭାରତୀୟ ଜନଜାତି ନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ।ଏଇ ସୁଅବସର ରେ ଯୋଗଜନ୍ମା କଳିଙ୍ଗର ଏଇ ସୁପୁତ୍ରଙ୍କ ଜନ୍ମ ଜୟନ୍ତୀ ମହାଆଡମ୍ବରରେ ବାରିପଦା ସ୍ଥିତ କେଶରୀୟାର ପ୍ରତିଷ୍ଠାତାଙ୍କ କାର୍ଯ୍ୟାଳୟରେ, କେଶରୀୟା ହିନ୍ଦୁ ବାହିନୀର ସଦସ୍ୟମାନେ ପାଳନ କରିଛନ୍ତି। ପ୍ରତିଷ୍ଠାତା ଶ୍ରୀଯୁକ୍ତ ଦୀଲ୍ଲିପ ଦାସଙ୍କ ଅଧ୍ୟକ୍ଷତାରେ 'ପରାକ୍ରମ ଦିବସ' ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ନେତାଜୀଙ୍କ ଫୋଟ ଚିତ୍ରରେ ପ୍ରତିଷ୍ଠାତା ମାଲ୍ୟାର୍ପଣ କରିଥିଲେ ପରେ ଉପସ୍ଥିତ କେଶରୀୟା ପରିବାରର ସମସ୍ତ ସଦସ୍ୟ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ପରେ ଜିଲ୍ଲା ମୁଖ୍ୟ ମୋର୍ଚ୍ଚା ସଭାପତି ଶାନ୍ତନୁ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଷ୍ଠାତା ତାଙ୍କର ବକ୍ତବ୍ୟ ମାଧ୍ୟମରେ ଆଜିର ଯୁବପିଢ଼ିଙ୍କୁ ନେତାଜୀଙ୍କ ପଦାଙ୍କ ଅନୁସରଣ କରିବାକୁ ଅନୁରୋଧ ପୂର୍ଣ୍ଣ ଆହ୍ୱାନ ଦେଇଛନ୍ତି। ଆହୁରି ମଧ୍ୟ କହିଛନ୍ତି ଯେ, 'ଜାଗିଲେ ମୋ ଦେଶର ଯୁବକ,ହଟିବ ଦେଶକୁ ରାକ୍ଷସ ଦୂର୍ନୀତୀ ରୂପକ' ଅର୍ଥାତ୍ ଯୁବକ ମାନଙ୍କ ହୃଦୟରେ ଜାତୀୟତା ଜାଗ୍ରତ ହେଲେ ସେମାନେ ପରାକ୍ରମୀ ହେବେ ଏବଂ ଦେଶ ଦୂର୍ନୀତୀ ମୁକ୍ତ ହେବ ତେବେ ଯାଇ ସୁସ୍ଥ ଓ ସଂମୃଦ୍ଧ ଭାରତର ପରିକଳ୍ପନା ସମ୍ଭବପର ହୋଇପାରିବ। କେଶରୀୟା ହିନ୍ଦୁ ବାହିନୀର ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାପତି ପ୍ରତିମା ବାରିକ ମଧ୍ୟ ତାଙ୍କର ବକ୍ତବ୍ୟ ମାଧ୍ୟମରେ ଯୁବ ବର୍ଗଙ୍କୁ ଉଦବୁଦ୍ଧ କରିବା ଲକ୍ଷ୍ୟରେ ପରାକ୍ରମ ଦିବସ ଉପରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ନେତାଜୀଙ୍କ ଜୀବନୀ ଉପରେ ଗଭୀର ଆଲୋକପାତ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଭାରତବାସୀ ୨୩ ଜାନୁଆରୀ ରେ ପରାକ୍ରମ ଦିବସରେ ସମଗ୍ର ଭାରତରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳନ କରୁଛନ୍ତି। ଜାତିର ପରାକ୍ରମ, ଦୃଢ଼ ସଙ୍କଳ୍ପ ଓ ଜାତୀୟତା ଭାବନାର ପ୍ରତୀକ ନେତାଜୀଙ୍କ ସ୍ମୃତିରେ ଦେଶ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ନେତାଜୀଙ୍କ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଭୂମିକା ଓ ତାଙ୍କର ସ୍ୱାଭିମାନୀ ଜୀବନର ଦେଶ ପ୍ରୀତିର ବହ୍ନି, ଆଜିର ଯୁବପିଢ଼ିଙ୍କ ମଧ୍ୟରେ ମୂଲ୍ୟବୋଧ ଓ ସ୍ଫୂର୍ତ୍ତି ସଂଚାର କରୁଛି। ଏହି ଦିନଟି ମାତ୍ର ଜଣେ ବିଶେଷ ବ୍ୟକ୍ତିଙ୍କ ସ୍ମରଣ କରିବା ପାଇଁ ନୁହେଁ, ବରଂ ତାଙ୍କ ଜୀବନ ଓ ଆଦର୍ଶରୁ ଶିଖି ସମାଜରେ ସ୍ୱାଧୀନତାର ମୂଲ୍ୟ ଓ ଜାତିପ୍ରେମ ଜାଗୃତ କରିବା ଉଦ୍ଦେଶ୍ୟରେ ଆଜି ସମଗ୍ର ଦେଶ ପଦକ୍ଷେପ ନେଉଛି ବୋଲି କହିବା ।ଆଜିବି ପ୍ରତିଟି ମନମାନସରେ ନେତାଜୀଙ୍କର ସେହି ଅଲିଭା ବାଣୀ 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ନାଡ଼ି ଉତ୍ତେଜକ ମନ୍ତ୍ର ଏବେ ବି ସ୍ୱାଧୀନତା ସଂଗ୍ରାମୀ ଓ ପ୍ରତି ଭାରତୀୟଙ୍କ ମନରେ ଗର୍ବ ଓ ପ୍ରେରଣାର ଉତ୍ସ ହୋଇ ରହିଛି। ଏହା ଦେଶର ଏକତା ଓ ସଂଘବଦ୍ଧତାର ପ୍ରତୀକ ରୂପେ ପରିଗଣିତ ଓ ଅବିସ୍ମରଣୀୟ ଅଟେ ।ପରାକ୍ରମ ଦିବସରେ ସମସ୍ତଙ୍କୁ ନେତାଜୀଙ୍କ ଆଦର୍ଶକୁ ଅନୁସରଣ କରି ଜାତି ପ୍ରତି ସେବା ଓ ସମର୍ପଣର ନୂଆ ଶପଥ ନେବାକୁ ଆହ୍ୱାନ କରାଯାଇଛି ବିଭିନ୍ନ ସଦସ୍ୟଙ୍କ ବକ୍ତବ୍ୟ ମାଧ୍ୟମରେ। ଏହି ପରାକ୍ରମ ଦିବସ ପାଳନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରବକ୍ତା ରୂପା ଦେବୀ, ସାଧାରଣ ସମ୍ପାଦକ ସୁଜୟ ପଣ୍ଡା, ଇନ୍ଦୁମତି ମହାନ୍ତି, ଉପସଭାପତି ହ୍ରିତିକ୍ ନାଥ, ଉପସଭାପତି ମନୋଜ୍ ପଲେଇ, ମାନସ ପାଢ଼ୀ, ଭାଗବତ ଦାସ, ଛାତ୍ର ଉପସଭାପତି ଅଭିଜିତ ପାଲ, ଯୁବ ସମ୍ପାଦକ ଶ୍ରବଣ ପଲେଇ, କୁନ୍ଦନ ସମେତ୍ ମୟୂରଭଞ୍ଜ ଜିଲ୍ଲାର ଛାତ୍ର, ଯୁବ, ମହିଳା କମିଟିର ସମସ୍ତ ସଦସ୍ୟ ମାନଙ୍କର ଭାରି ଉପସ୍ଥିତି ପରିଲକ୍ଷିତ ହୋଇଛି।

## ନେତାଜୀ ସୁବାସ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ

ସୁବର୍ଣ୍ଣପୁର, ୨୪/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଅଧିବକ୍ତା ପରିଷଦ ତରଫରୁ ପବିତ୍ର ନେତାଜୀ ସୁବାସ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ହୋଇଥିଲା। ଏହି ଅବସରରେ ନୂତନ କମିଟି ମଧ୍ୟ ଗଠନ ହୋଇଥିଲା। ନୂତନ କମିଟିରେ ଜିଲ୍ଲା ସଭାପତି ବଳଦେବ ପଧାନ, ଉପସଭାପତି ହେଲେ, ନନ୍ଦକିଶୋର ତ୍ରିପାଠୀ, ସବିତା ପଣ୍ଡା ଓ ନବ କୁମାର ତ୍ରିପାଠୀ, ସମ୍ପାଦକ ଦଶରଥ ମିଶ୍ର, ସହ ସମ୍ପାଦକ ରାଜକିଶୋର ନନ୍ଦ, ପ୍ରୀତି ପ୍ରଜ୍ଞା ପୁରୋହିତ ଓ ଶ୍ରବଣ ପଧାନ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଦାସ, ନ୍ୟାୟ ପ୍ରବାହ ଶମ୍ଭୁ ବିଶି, ସହ ନ୍ୟାୟ ପ୍ରବାହ ମଧୁମିତା ପାରମଗୁରୁ, ବିଶେଷ ନିମନ୍ତ୍ରିତ ସଦସ୍ୟ ପ୍ରଫୁଲ୍ଲ ସାହୁ, ତପନ କୁଆଡ଼ି, ହିମାଂଶୁ ଭୋଇ ଓ କାର୍ଯ୍ୟକାରିଣୀ ସଦସ୍ୟ ହେଲେ ଭଗବତୀ ପ୍ରସାଦ ମିଶ୍ର, ବିପିନ ବିହାରୀ ବିଦ୍ୟାଧର,ରାଧାକାନ୍ତ ମହାକୁର, ମୋନାଜ ମେହେର,ବିବେକାନନ୍ଦ ମିଶ୍ର, ସାନନ୍ଦ ମହାପାତ୍ର, ମୋନାଜ୍ କୁମାର ପଣ୍ଡା ଚୟନ ହୋଇଥିଲେ ଓ ଅଧିବକ୍ତା ପରିଷଦର ପ୍ରାନ୍ତ ଉପସଭାପତିଙ୍କ ଅନୁରୋଧ କ୍ରମେ ନୂତନ ଦାଇତ୍ୱ ପାଇଥିବା କାର୍ଯ୍ୟକର୍ତା ନାମ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ଦିଲ୍ଲୀପ କୁମାର ତ୍ରିପାଠୀ ଘୋଷଣା କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଅଧିବକ୍ତା ପରିଷଦର ପ୍ରାନ୍ତ ଉପସଭାପତି ତଥା ବରଗଡ଼ ଅଧିବକ୍ତା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଜୟଶ୍ରୀ ମହାପାତ୍ରଙ୍କ ସହ ସଂଘର ସହଜିଲ୍ଲା ସଂଘଚାଳକ ଜୟଦ୍ରଥ ଜଗଦଲ୍ଲା, ସହଜିଲ୍ଲା କର୍ଯ୍ୟବାହ ହୃଷୀକେଶ ଭୋଇ, ଜିଲ୍ଲା ସମ୍ପର୍କ ପ୍ରମୁଖ ରାଜେନ୍ଦ୍ର ନାୟକ, ଜିଲ୍ଲା ପ୍ରଚାର ପ୍ରମୁଖ ରଶ୍ମୀ ରଞ୍ଜନ ଦାସ ଉପସ୍ଥିତ ଥିଲେ, ଏହି କାର୍ଯ୍ୟକ୍ରମରେ ନୂତନ କମିଟି ସହ ଅନେକ ଅଧିବକ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ଓ ସଭା ଶେଷରେ ନୂତନ ଭାବରେ ଉପସଭାପତି ହୋଇଥିବା ନନ୍ଦକିଶୋର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲୋକମହୋତ୍ସବ ବଲାଙ୍ଗୀରର ଏକତା ଓ ବିକାଶକୁ ବଢାଇଛି: ବିଧାୟକ କଳିକେଶ

ବଲାଙ୍ଗିର, ୨୪/୧ (ନି.ପ୍ର): ଲୋକମହୋତ୍ସବ କେବଳ କଳାକାରମାନଙ୍କୁ ପ୍ରୋତ୍ସାହିତ କରୁନି ବରଂ ବଲାଙ୍ଗୀର ଲୋକ ଙ୍କ ଏକତାକୁ ବଢାଇଛି ଓ ବିକାଶରେ ସହାୟକ ହୋଇଛି ବୋଲି ବଲାଙ୍ଗୀର ଲୋକଉତ୍ସବ-୨୦୨୫ର ତୃତୀୟ ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବଲାଙ୍ଗୀର ସହରରେ କୋସଳ କଳା ମଣ୍ଡଳ ପଡିଆ କଳା,ସାହିତ୍ୟ,ସଂସ୍କୃତିକୁ ପ୍ରୋତ୍ସାହିତ କରି ଆସିଛି। ଏହି ଅନୁଷ୍ଠାନର ପଛରେ ପୂର୍ବତନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ଙ୍କ ଯେଉ ଉଦ୍ଦେଶ୍ୟ ଥିଲା ତାହା ଫଳବତୀ ହୋଇ, ନାହିଁ। ଏହାକୁ ଦେଶର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର ରୁପେ ଗଢ଼ିବା ପାଇଁ ଆମକୁ କାମ କରିବା କୁ ପଡିବ ବୋଲି କହିଥିଲେ। କେବଳ ସେତିକି ନୁହେଁ ବଲାଙ୍ଗୀରକୁ ଏକ ବିକଶିତ ଜିଲ୍ଲା କରିବାରେ ମଧ୍ୟ ସହାୟକ ହୋଇଛି, ୨୦୨୦ ରୁ ଆରମ୍ଭ ହୋଇଥିବା ବଲାଙ୍ଗିର ଲୋକଉତ୍ସବ ରଜ୍ୟରେ ପ୍ରଥମ କରି ହୋଇଥିବା ବେଳେ ଆଜିକାଲି ଏହା ଜିଲ୍ଲାର ବିଭିନ୍ନ ପୀଠ ବ୍ଲକ ପଂଚାୟତ ସ୍ତରରେ କରାଯାଇ ନିଜ ନିଜ ଉଦ୍ୟମ ରେ କରାଯାଇ ଜିଲ୍ଲା ରେ କଳା ଓ ସଂସ୍କୃତି ବିକାଶ ହୋଇଥିବା ସେ କହିଥିଲେ ।ଲୋକମହୋତ୍ସବକୁ ଦଳମତ ନିର୍ବିଶେଷରେ ସମସ୍ତେ ମିଳିତ ଭାବରେ କରୁଥିବାରୁ ଏହା ଆମର ଏକତାକୁ ବଢାଉଛି ବୋଲି କଳିକେଶ କହିଛନ୍ତି। ଜିଲ୍ଲା ସଂସ୍କୃତି ପରିଷଦ ଓ ଲୋକଉତ୍ସବ ସମିତି ପକ୍ଷରୁ ଆୟୋଜିତ ମହୋତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଡ.ବିଜୟକୁମାର ସେଠୀଙ୍କ ସଭାପତିତ୍ୱ ଓ ସ୍ୱେଚ୍ଛାସେବୀ ସୋମନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପରିଷଦର ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, କଳାହାଣ୍ଡି ଇସିଏଚଏସ ନିର୍ଦ୍ଦେଶକ କଲୋନେଲ ବିଶ୍ୱଜିତ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଂଜନ ମିଶ୍ର, ସଂସ୍କୃତିକ କମିଟିର ସହଅଧ୍ୟକ୍ଷା ଶ୍ରୀପଦା ଷଡଙ୍ଗୀ, କଳାକାର ଅତିଥି ଯୁଗଳକିଶୋର ସାହୁ ପ୍ରମୁଖ ମଂଚାସୀନ ଥିଲେ। ଶ୍ରୀପଦା ଷଡଙ୍ଗୀ ଅତିଥିପରିଚୟ ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଲୋକଉତ୍ସବ ବନ୍ଦ ହେବାକୁ ବସିଥିବା ବେଳେ ଏହାକୁ କରାଇବାକୁ ବିଧାୟକ ଶ୍ରୀ ସିଂଦେଓ କରିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ ।

ପୌରାଧ୍ୟକ୍ଷା ଲିକା ସାହୁ ତାଙ୍କ ବକ୍ତବ୍ୟରେ ଲୋକମହୋତ୍ସବ ରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସ୍ୱୟଂସହାୟିକା ଦଳଙ୍କ ହସ୍ତଶିଳ୍ପ ଓ ହସ୍ତତନ୍ତ ତଥା ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀକରି ମହିଳାମାନେ ସ୍ୱାବଲମ୍ବୀ ହେଉଛନ୍ତି ବୋଲି କହିଥିଲେ। କଳା,ସାହିତ୍ୟ ଓ ସଂସ୍କୃତିର ମାଟିରେ କଳାକାରଙ୍କୁ ଆହୁରି ପ୍ରୋତ୍ସାହନ ଦରକାର ଓ ପୂର୍ବସରକାର ଅମଳରେ କରାଯାଇ ଥିବା କୋସଳ କଳା ମଣ୍ଡଳ ପଡିଆର ଉନ୍ନୟନ କାମ ବିଷୟରେ କହିଥିଲେ। ଏହି ଅବସରରେ ବର୍ଷିୟାନ କଳାକାର ଟିକେଲାଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମଂଚପରିଚାଳନା କମିଟିର ସହଅଧ୍ୟକ୍ଷ ପ୍ରହଲ୍ଲାଦ ଦର୍ଜ୍ଜ ଧନ୍ୟବାଦ ଅର୍ପଣ କରି ଥିଲେ। ବୁଧବାର ଦିନବେଳା ସକାଳ ୯ଟାରେ ଜୟଦେବ କଳା ସଂସଦ, ବଲାଙ୍ଗୀର ପକ୍ଷରୁ ଭକ୍ତି ସଂଗୀତ, ୧୦.୩୦ରେ ଲୋକ ନୃତ୍ୟ ଓ ସଂଗୀତ ପ୍ରତିଯୋଗୀତା,ସଂଧ୍ୟା ୫ଟାରେ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକସଂଗୀତ ବିଚିତ୍ରା ଓ ସାଂସ୍କୃତିକ ସଭା ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଲୋକଉତ୍ସବ ସ୍ଥଳ ରେ ବୁଧବାର ସନ୍ଧ୍ୟା ରେ ଗଣମାଧ୍ୟମ ପ୍ରତିନିଧି ମାନଂକୁ ମଂଚ ପଟ ପ୍ରବେଶ ପଥରେ ବାଟରେ ଜଗିଥିବା ପୋଲିସ ଅଧିକାରୀ ମାନେ କିଛି ଗଣମାଧମ ପ୍ରତିନିଧି ଙ୍କୁ ଭିତରକୁ ବାଇକ୍ ଛାଡି ନଥିଲେ , ଅନ୍ୟ ପକ୍ଷରେ କିଛି ଠିକାଦାର ଗାଡ଼ି ଭିତରକୁ ନେଇଥିଲେ ଏହା ସାମ୍ବାଦିକ ମାନଙ୍କୁ ଏହି ଘଟଣା ସମ୍ମାନ ରେ ଆଂଚ ଆଣିଥିଲା। ପୂର୍ବରୁ ମଂଚ ପଛରେ ଗଣମାଧମ ପ୍ରତିନିଧି ମାନେ ସେମାନଙ୍କ ଗାଡ଼ି ରଖି ଆସୁଥିଲେ ଚଳିତ ବର୍ଷ ଏହି ସ୍ଥାନରେ ସେମାନଙ୍କୁ ଗାଡ଼ି ରଖିବା ପାଇଁ ସୁଯୋଗ ଦିଆ ଯାଇ ନଥିବା ଯୋଗୁଁ ଭିଡ଼ ଭିତରେ ବାହାରେ ଇତସ୍ତତ ଗାଡ଼ି ରଖିବା କୁ ପଡ଼ିଥିଲା । ପୁର୍ବରୁ ପ୍ରସ୍ତୁତି ବୈଠକ ରେ ଗଣ ମାଧମ ଗାଡ଼ି ରଖିବା କୁ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା ବେଳେ ଶେଷ ମୁହୂର୍ତ ରେ ନିଆ ଯାଇଥିବା ନିଷ୍ପତ୍ତି ଗଣ ମାଧମ କୁ ଠିକ୍ ଭାବରେ କୌଣସି ସୁଚନା ଦିଆ ଯାଇ ନଥିଲା। ଏହି ଘଟଣାର ପ୍ରତିବାଦ ରେ ଉପସ୍ଥିତ ସମସ୍ତ ଗଣମାଧମ ପ୍ରତିନିଧି ନିଜ ନିଜ ଗଣମାଧମ ପ୍ରବେଶ ପତ୍ର ଖୋଲି ସେଠାର ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳ ଡ଼ାକ୍ତର ସେଠୀ ଙ୍କ ପାଖରେ ଫେରାଇ ଦେଇ ପ୍ରତିବାଦ କରିଥିଲେ । ପରେ ସଦର ଏସ ଡି ପି ଓ ପ୍ରଦୀପ ସହୁ ଓ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଆଲୋଚନା କରିବାକୁ ଆସିଥିଲେ ମଧ୍ୟ ସାମ୍ବାଦିକ ମାନେ ଉତ୍ସବ ସ୍ଥଳ ଛାଡି ଚାଲି ଯାଇଥିଲେ।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଆୟୋଜିତ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୫ରେ ଲାଠିକଟା ବ୍ଲକ ବଲାଣି ଗ୍ରାମର ମା' ଚଳା ଡ୍ୟାନ୍ସ ଟ୍ରୁପ୍ ଚମ୍ପିୟାନ



ରାଉରକେଲା, ୨୪/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସିଭିକ୍ ସେଣ୍ଟର ଠାରେ ଜାନୁୟାରୀ ୨୨ ତାରିଖରେ ଅନୁଷ୍ଠିତ ସିନର୍ଜି - ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୫ରେ ଚୂଡାନ୍ତ ରାଉଣ୍ଡରେ ଲାଠିକଟା ବ୍ଲକ ବଲାଣି ଗ୍ରାମର ମା' ଚଳା କଳା ପରିଷଦ ଚମ୍ପିୟାନ ଆଖ୍ୟା ଲାଭ କରିଛି। ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସହର ପ୍ରଶାସନ ଏବଂ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି.କେ.ସ୍ୱାଇଁ, ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା ଏବଂ ଆରଏସପି ର ବିଭିନ୍ନ ବରିଷ୍ଠ ଅଧିକାରୀ,ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପାର୍ଶ୍ୱାଞ୍ଚଳର ବ୍ଲକର ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ ଯେ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଲାଠିକଟା ବ୍ଲକ୍, ନୂଆଗାଁ ବ୍ଲକ୍, ବିଶ୍ରା ବ୍ଲକ୍ ଏବଂ କୁଆରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ତିରିଶଟି କରି ନୃତ୍ୟ ଦଳ ଏହିଭଳି ସମୁଦାୟ ୧୨୦ ଟି ନୃତ୍ୟ ଦଳ ନିଜନିଜ ବ୍ଲକରେ ଆୟୋଜିତ ଜୋନାଲ ସ୍ତରୀୟ ଲୋକ ସାଂସ୍କୃତିକ ମହୋତ୍ସବ ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ଚୂଡାନ୍ତ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତାମାନେ ଟାଇଟଲ୍ ଜିଣିବା ପାଇଁ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ବିଜେତା ଏବଂ ଅଂଶଗ୍ରହଣକାରୀ ସମସ୍ତ ଦଳଙ୍କୁ ଏହି ମହୋତ୍ସବକୁ ସଫଳ ଗଢିବା ନିମନ୍ତେ ଅଭିନନ୍ଦନ ଜଣାଇଥିଲେ। ଏହି ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପି ସିଏସଆର ବିଭାଗର ଉଦ୍ୟମର ସେ ପ୍ରଶଂସା ମଧ୍ୟ କରିଥିଲେ।

ମାନ୍ୟଗଣ୍ୟ ଅତିଥିମାନେ ନୃତ୍ୟ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲାଠିକଟା ବ୍ଲକ ବଲାଣି ଗ୍ରାମର ମା' ଚଳା ଡ୍ୟାନ୍ସ ଟ୍ରୁପ୍ ପ୍ରଥମ ପୁରସ୍କାର ରୂପେ ୨୦୦୦୦ ଟଙ୍କାର ଅର୍ଥ ରାଶି ଓ ଟ୍ରଫି ଲାଭ କରିଥିବାବେଳେ ଦ୍ୱିତୀୟ ପୁରସ୍କାର ଭାବେ କୁଆଁରମୁଣ୍ଡା ବ୍ଲକର ସିଆଲଜୋର ଗ୍ରାମର କୁନ୍ତି ନୃତ୍ୟ ଦଳ ୧୭୫୦୦ ଟଙ୍କାର ପୁରସ୍କାର ଅର୍ଥରାଶି ଓ ଟ୍ରଫି ଲାଭ କରିଥିଲେ । ସେହିଭଳି କୁଆଁରମୁଣ୍ଡା ବ୍ଲକର ହେଟାବାହାଲ ଗ୍ରାମ ଦଳ ତୃତୀୟ ସ୍ଥାନ ହାସଲ କରିବା ସହ ୧୫୦୦୦ଟଙ୍କାର ପୁରସ୍କାର ଅର୍ଥରାଶି ଓ ଟ୍ରଫି ଲାଭ କରିଥିଲେ। ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଅବଶିଷ୍ଟ ଦଳଗୁଡିକୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ୫୦୦୦ ଟଙ୍କାର ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଏଥିପୂର୍ବରୁ ପୂର୍ବାହ୍ନରେ ଶ୍ରୀ ପି କେ ସ୍ୱାଇଁ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସିଏସଆର ବିଭାଗର ଜିଏମ, ସୁଶ୍ରୀ ମୁନମୁନ ମିତ୍ରା ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ଏଜିଏମ, ଶ୍ରୀ ଟି ବି ଟପ୍ପୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୂଚନାଯୋଗ୍ୟ ଯେ, ଆରଏସପି ଏହାର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ୨୦୧୨-୧୩ରୁ ପ୍ରତ୍ୟେକ ବର୍ଷ ଏହି ବିଶାଳ ଉତ୍ସବର ଆୟୋଜନ କରିଆସୁଛି। ଏହାର ଜୋନଲ ସ୍ତରୀୟ ପ୍ରତିଯୋଗିତା ପାର୍ଶ୍ୱବର୍ତ୍ତୀ ୪ଟି ବ୍ଲକରେ ଅନୁଷ୍ଠିତ ହେଉଥିବା ବେଳେ ଫାଇନାଲ ରାଉରକେଲାରେ ଅନୁଷ୍ଠିତ ହେଉଛି।


# ଜାତୀୟ ସ୍ୱାସ୍ଥ୍ୟ ମିଶନର ଯୋଗ ଶିକ୍ଷକଙ୍କ ଏକ ଦିବସୀୟ ସମ୍ମିଳନୀ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୪/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଯୋଗ ସମିତି ଜାତୀୟ ସ୍ୱାସ୍ଥ୍ୟ ମିଶନର ଯୋଗ ଶିକ୍ଷକ ଙ୍କ ଏକ ଦିବସୀୟ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସୋନପୁର ସଦର ମହକୁମା ସ୍ମାର୍ଟ ପାର୍କ ର ଯୋଗ ମଣ୍ଡପ ରେ ଅନୁଷ୍ଠିତ ଏବଂ ସି ଡି ଏମ ପି ଏଚ ଓ ଡ଼ା ପ୍ରଦୀପ ଗରୁ ଙ୍କ ତତ୍ୱାବଧାନରେ ଆୟୋଜିତ ଏ କାର୍ଯ୍ୟକ୍ରମ ରେ ଅତିଥି ଭାବରେ ସ୍ୱାସ୍ଥ୍ୟ ବିଭାଗ ର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଶ୍ରୀ ବିଶ୍ୱମ୍ବର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ , ମୁଖ୍ୟ ବକ୍ତା ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଯୋଗ ଶିକ୍ଷକ ଙ୍କ ପ୍ରଚେଷ୍ଟା ଓ ଉଦ୍ୟମକୁ ପ୍ରଶଂସା କରିବା ସହିତ ସମଗ୍ର ଜିଲ୍ଲାର କୋଣ ଅନୁକୋଣ ରେ ବ୍ୟାପକ ଯୋଗ ପ୍ରଚାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଦିନକୁ ଦିନ ବଢୁଥିବା ସ୍ୱାସ୍ଥ୍ୟ ସମସ୍ୟା ଓ କ୍ରୋନିକ ରୋଗର ନିବାରଣ ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି ସମସ୍ତ ଅତିଥି ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍ମାର୍ଟ ପାର୍କ ର ଯୋଗ ସଂଯୋଜକ ମନୋ ରଞ୍ଜନ ତ୍ରିପାଠୀ ଅତିଥି ପରିଚୟ କରି ସଭା ସଂଯୋଜନା କରିଥିବା ବେଳେ ଯୋଗ ଗୁରୁ ମନୋଜ୍ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ରଖି ଥିଲେ । ଯୋଗ ସମିତି ର ସଂଯୋଜକ ପରେଶ୍ ମେହେର , ରବୀନ୍ଦ୍ର ଜେନା ସହଯୋଗ କରିଥିଲେ କ୍ଷ ଶେଷରେ ଯୋଗ ଶିକ୍ଷକ ଅଚ୍ୟୁତାନନ୍ଦ ପୁଜାହାରୀ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରମେଶ ଚନ୍ଦ୍ର ସ୍ୱାଇଁ, ଏଡିଏମଓ ଡ଼ା.ଦୈତ୍ୟ ନାରାୟଣ ପାଢ଼ୀ , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମନୋଜ କୁମାର ଅଦାବର , ସୋନପୁର କଲେଜ୍ ଏନସିସି ଲ୍ୟାଫ୍ଟନେଂଟ ଅଧାପକ ଆଶିଷ ଅଗ୍ରୱାଲ , ଆଇନ ଜିବୀ ପ୍ରଦୀପ ପୁରୋହିତ ପହଂଚି ଯୋଗ କୁ ଗାଁ ଗାଁ ରେ ପ୍ରତି ପାରିବାର ରେ ପହଂଚାଇ ଏକ ସୁସ୍ଥ ସମାଜ ଗଠନ କରିବାକୁ ଯୋଗ ଶିକ୍ଷକ ଙ୍କୁ ପରାମର୍ଶ ଓ ଉତ୍ସାହିତ କରିଥିଲେ । ଯୋଗ ସମିତି, ସ୍ୱଚ୍ଛ ଭାରତ କର୍ମକର୍ତା ଓ ସୋନପୁର କଲେଜ୍ ଏନ୍ ସି ସି ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଜିଲ୍ଲା ଯୋଗ ସଂଯୋଜକ ମନୋଜ ପଣ୍ଡା, ଯୋଗ ଶିକ୍ଷକ ବିଶ୍ୱଜିତ୍ ଚାନ୍ଦ, ଦୀପ୍ତି ରଞ୍ଜନ କର୍ଣ୍ଣ,ଡାକ୍ତର କ୍ଷେତି, ସାଗରିକ ସାହୁ, ସୁଜାତା ସାହୁ , ମିନାକ୍ଷୀ ସାହୁ ପ୍ରମୁଖ ଶିବିର କୁ ପରିଚାଳନା କରିଥିଲେ । ପାର୍କ ର କେୟାର ଟେକର ହରି ଶଙ୍କର ଚୌଧୁରୀ ଓ ଅନ୍ୟ କର୍ମଚାରୀ ସହାଯୋଗ କରିଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ କେନ୍ଦୁଝରରେ ସାଇକେଲ ରାଲି


କେନ୍ଦୁଝର, ୨୪/୧ (ନି.ପ୍ର): ସଡକ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ ଦେଇ ଗୁରୁବାର ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଜିଲ୍ଲା ମୁଖ୍ୟାଳୟରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିରେ ସାମ୍ବାଦିକ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀ ଏବଂ କର୍ମଚାରୀ ସହର ପରିକ୍ରମା କରି ଟ୍ରାଫିକ୍ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଗୋପାଳ କୃଷ୍ଣ ଦାସ ସବୁଜ ପତାକା ପ୍ରଦର୍ଶନ କରି ଏହି ରାଲିର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ସାର୍ଥକ ରାୟ ଓ କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।ଏଥିସହିତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ହେଉଥିବା ଅଭ୍ୟାସ ପ୍ୟାରେଡ଼ରେ ସମ୍ମିଳିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧରେ ସୂଚନା ଦେବା ସହ ଏହାର ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ। ଆଜି ସରକାରୀ ଛୁଟି ଥିବାରୁ ସହରରେ ଜନତାଙ୍କର ଯାତାୟତ ଖୁବ କମ୍ ଥିବାରୁ ସଚେତନତା ସୃଷ୍ଟିର ପ୍ରଭାବ ସ୍ୱଭାବିକ ଭାବେ କମ୍ ରହିଥିବା ଦେଖାଯାଇଥିଲା ।

# 'ମଦର' ତରଫରୁ ଜାତୀୟ ବାଳିକା ଦିବସ ପାଳିତ



ଭୁବନେଶ୍ୱର, ୨୪/୧ (ନି.ପ୍ର): ଦେଶର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଖଣ୍ଡଗିରୀ ସ୍ଥିତ ସୁଭଦ୍ରା ମହତାବ ସେବା ସଦନ ଠାରେ କୁନିକୁନି କନ୍ୟାରତ୍ନ ମାନଙ୍କ ଗହଣରେ ଏକ ନିଆରା ହସଖୁସିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଦର ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୋଦ ଦାସ ଏବଂ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପିଲାମାନଙ୍କ ସହ ସମୟ ବିତାଇଥିଲେ । କନ୍ୟାଶ୍ରମରେ ରହୁଥିବା କୁନି ଝିଅ ମାନଙ୍କୁ ପାଠ୍ୟ ଉପକରଣ ସହ ଅନ୍ୟାନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ମିଷ୍ଟାନ ବଣ୍ଟନ ସହ ପିଲା ମାନେ ଖୁବ ସୁନ୍ଦର ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ ସମ୍ପାଦିକା ସସ୍ମିତା ଦାସ କହିଥିଲେ କି, ଭାରତୀୟ ସମାଜରେ ଝିଅମାନେ ସମ୍ମୁଖୀନ ହେଉଥିବା ଅସମାନତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ୨୦୦୮ ମସିହାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଦ୍ୱାରା ଏହା ଆରମ୍ଭ କରାଯାଇଥିଲା । ହେଲେ ଏହାକୁ ସଫଳ କରିବା ଦାୟିତ୍ୱ ଆମ ସମସ୍ତଙ୍କର । ମଦର ପକ୍ଷରୁ କନ୍ୟା ସନ୍ତାନ ବଞ୍ଚାଅ, ଶିଶୁ ଲିଙ୍ଗ ଅନୁପାତ ସମ୍ପର୍କରେ ସଚେତନତା ଅଭିଯାନ ଏବଂ ଝିଅମାନଙ୍କ ପାଇଁ ଏକ ସୁସ୍ଥ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି ସମେତ ସଂଗଠିତ କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇ ଆସୁଅଛି । ଚଳିତ ବର୍ଷର ଏହାର ଥିମ୍ ରହିଛି 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅମାନଙ୍କୁ ସଶକ୍ତ କରିବା' । ତେଣୁ ଆମେ ମାନେ ପିଲାଙ୍କ ପାଇଁ ଆବଶ୍ୟକ ପାଠ୍ୟ ଉପକରଣ ପ୍ରଦାନ କଲୁ । ଆଗାମୀ ଦିନମାନଙ୍କରେ ମଧ୍ୟ ଏମିତି ସଚେତନତା ଏବଂ ସହଯୋଗ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ତା ସହ ସୁଭଦ୍ରା ମହତାବ ସେବା ସଦନର ପରିଚାଳନା କମିଟି ଏବଂ କର୍ମକର୍ତ୍ତାଙ୍କୁ ଏମିତି ଏକ କନ୍ୟାଶ୍ରମ ସୁବ୍ୟବସ୍ଥିତ ତଥା ସୁଚାରୁରୂପେ ପରିଚାଳନା କରୁଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବାର୍ଦ୍ଧକ୍ୟାବସ୍ଥାରେ ଆଣ୍ଠୁଗଣ୍ଠି ବିନ୍ଧା କେମିତି ମିଳିବ ମୁକ୍ତି ?



ବୟସ ବଢିବା ସହ ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଏ । ହାଡ଼ ଦୁର୍ବଳ ହେବାକୁ ଲାଗେ ଏବଂ ଅନେକ ପ୍ରକାର ରୋଗ କୁଣିଆ ହୋଇ ଶରୀରକୁ ପ୍ରବେଶ କରନ୍ତି । ଏହାରି ଭିତରୁ ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ଏକ ଜଟିଳ ସମସ୍ୟା । ବୟସ ବଢିବା ସଙ୍ଗେ ହାଡ଼ ଫ୍ୟାକ୍ଚର ହେବା ସମସ୍ୟା ମଧ ଲାଗିରୁହେ । ହେଲଥ୍ ଏକ୍ସପର୍ଟଙ୍କ କହିବାନୁସାରେ , ଶରୀରରେ କ୍ୟାଲସିୟମର ଅଭାବ , ଅତ୍ୟଧିକ ମଦ୍ୟପାନ , ଧୂମପାନ ସହ ସନ୍ତୁଳିତ ଆହାର ନଖାଇବା ଏବଂ ନିୟମିତ ବ୍ୟାୟାମ , ଯୋଗାଭ୍ୟାସ ନକଲେ ଶରୀରରେ ଏଭଳି ହାଡ଼ ସମସ୍ୟା ଜନ୍ମ ନେଇଥାଏ ।

ଲମ୍ୱା ସମୟ ଧରି ଏଭଳି ଗଣ୍ଠି ସମସ୍ୟା ଦେଖାଗଲେ ଭବିଷ୍ୟତରେ ଚଲାବୁଲା କରିବାଟା ଭାରି କଷ୍ଟସାଧ ହୋଇପଡ଼େ । ଏହି କାରଣ ଯୋଗୁଁ ବୟସ ବଢିବା ସହ ଶରୀରର ମଧ ଧାନ ରଖିବାକୁ ପଡ଼ିବ । ଶରୀର



ପାଇଁ ହିତକର ଖାଦ୍ୟ ଖାଇବା ସହ ବ୍ୟାୟାମକୁ ବନ୍ଧୁ କରିବାକୁ ପଡ଼ିବ । ତେବେ ଆସନ୍ତୁ ବଢୁଥିବା ବୟସର ରୋଗ କିମ୍ବା ସମସ୍ୟାକୁ ଅଭିଶାପ ନ ମାନି ଦାମୀ ଗହଣା ପରି ଯତ୍ନ ନେବା ।

ବାର୍ଦ୍ଧକ୍ୟବସ୍ଥାରେ ନିରୋଗ ରହିବାର ପ୍ରଥମ ପାହାଚ ଧୂମପାନ ନ କରିବା । ଧୂମପାନ ଶରୀର ପାଇଁ ହାନିକାରକ ଏହା ଆମେ ସିଗାରେଟ୍ କଭରରୁ ହିଁ ପଢିନେଉ କିନ୍ତୁ କେତେ ଜଣ ଏହାକୁ ଗମ୍ଭୀରତାର ସହ ନେଉଛନ୍ତି ତାହା କହିବାଟା କଷ୍ଟ । ବାର୍ଦ୍ଧକ୍ୟବସ୍ଥାରେ ତ ଏ ଅଭ୍ୟାସକୁ ଛାଡ଼ିବାଟା ନିତାନ୍ତ ଜରୁରୀ । ଶରୀର ପାଇଁ ସଇତାନର କାମ କରେ ଧୂମପାନ , ଏହାଦ୍ୱାରା ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ମଧ ବଢିଯାଏ । ଏହାଦ୍ୱାରା ଶରୀରରେ ଥିବା ଆବଶ୍ୟକୀୟ ପୋଷକ ତତ୍ତ୍ୱ ଯେଭଳି କ୍ୟାଲସିୟମ୍ ସ୍ତର କମିଯାଏ । ଏହି ସବୁ ସମସ୍ୟା କାରଣରୁ ଧୂମପାନ କରିବା ଅଭ୍ୟାସକୁ ଦୂରେଇଦେବା ଭଲ । ଏହା ସହ ବାରମ୍ବାର ଚା' ଓ କଫି ପିଇବା ଅଭ୍ୟାସକୁ ମଧ କମାଇଦିଅନ୍ତୁ ।




୪୫ ବର୍ଷ ପାର୍ ହୋଇଗଲେ କିଛି ସମୟ ଅନ୍ତରରେ ସ୍ୱାସ୍ଥ୍ୟପରୀକ୍ଷା କରାଇବାକୁ ଡାକ୍ତର ମଧ ପରାମର୍ଶ ଦେଇଥାନ୍ତି । ମହିଳାଙ୍କୁ ବୋନ୍ ମିନେରାଲ୍ ଡେନସିଟି ଟେଷ୍ଟ୍ କରାଇବାକୁ ମଧ କୁହାଯାଏ । ଖାସ୍ କରି ମାସିକ ଋତୁସ୍ରାବର ସମ୍ମୁଖୀନ ହେଉଥିବା ମହିଳାଙ୍କୁ ଏହି ଟେଷ୍ଟ୍ କରାଇବା ନିହାତି ଜରୁରୀ । ଏହି ସମୟରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ । ମହିଳାମାନେ ଡାଏଟରେ କ୍ୟାଲସିୟମ୍ ଥିବା ଖାଦ୍ୟ ସାମିଲ୍ କରନ୍ତୁ ।

ସୁସ୍ଥ ଏବଂ ନିରୋଗ ଶରୀର ପାଇଁ ବ୍ୟାୟାମକୁ କରନ୍ତୁ ବନ୍ଧୁ । ବ୍ୟାୟାମ ଦ୍ୱାରା ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ମଧ ରହେନାହିଁ । ଫିଟନେସ୍ ଏକ୍ସପର୍ଟଙ୍କ କହିବାନୁସାରେ , ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ ଅଭ୍ୟାସ କରିବା ନିତାନ୍ତ ଆବଶ୍ୟକ । ଏଥିରେ ମାଂସପେଶୀ ମଜବୁତ ରହିଥାଏ ଏବଂ ଓଜନ ମଧ କଣ୍ଟ୍ରୋଲରେ ରୁହେ । ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ମୋଟାପଣ କାରଣରୁ ମଧ ହୋଇଥାଏ । ଏଥିପାଇଁ ନିୟମିତ ବ୍ୟାୟାମ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

ପ୍ରତିଦିନ ଖାଦ୍ୟରେ ସନ୍ତୁଳିତ ଆହାର ସାମିଲ୍ କରନ୍ତୁ ଏଥିପାଇଁ ଡାଏଟରେ ଫଳ , ତଟକା ପରିବା , ଡାଲି ଏବଂ ଡ୍ରାଏଫ୍ରୁଟ୍ ସାମିଲ୍ କରନ୍ତୁ । ଏଥିରେ କ୍ୟାଲସିୟମ୍ , ମ୍ୟାଗ୍ନେସିୟମ୍ ଏବଂ ପୋଟାସିୟମ୍ ମିଳିଥାଏ । ଯାହାଦ୍ୱାରା ହାଡ଼ ଷ୍ଟ୍ରଙ୍ଗ୍ ହୋଇଥାଏ । ଡାଏଟ୍ ଚାର୍ଟକୁ ଯଦି ମାନି ଚାଲିବେ ତାହେଲେ ୧୯ ବର୍ଷରୁ ଅଧିକ ବୟସର ଲୋକଙ୍କୁ ପ୍ରତିଦିନ ଡାଏଟରେ ୧୦୦୦ ମିଲିଗ୍ରାମ କ୍ୟାଲସିୟମ୍ ନେବା ଆବଶ୍ୟକ । ଏଥିପାଇଁ କ୍ଷୀର ଏବଂ ଦୁଗ୍ଧଜାତୀୟ ପଦାର୍ଥକୁ ମଧ ଖାଦ୍ୟରେ ସାମିଲ୍ କରିପାରିବେ ।

ଶରୀର ହିଁ ସଂପଦ ଆଜ୍ଞା ଆଉ ସଂପଦକୁ ସମ୍ଭାଳି ରଖିବା ବୁଦ୍ଧିମତାର ପରିଚୟ । ତେଣୁ ବାର୍ଦ୍ଧକ୍ୟବସ୍ଥାକୁ ବୋଝ ନୁହଁ ବରଂ କିଛି ଅଭ୍ୟାସକୁ ଛାଡ଼ି ଏବଂ କିଛି ଅଭ୍ୟାସକୁ ଆଦରି ବାଟ ଚାଲନ୍ତୁ । ଜୀବନ ଆହୁରି ସୁନ୍ଦର ଲାଗିବ ।





# ଶୀତ ଋତୁରେ ଉଷ୍ମତା ପାଇବା ପାଇଁ ରୁମ୍ ହିଟର ବ୍ୟବହାର କରୁଛନ୍ତି କି ? ସାବଧାନ ଏହା ମଧ ସାଜିପାରେ ମୃତ୍ୟୁର କାରଣ



ଥଣ୍ଡାରୁ ରକ୍ଷା ପାଇବା ପାଇଁ ଯଦି ରୁମ୍ ହିଟର ବ୍ୟବହାର କରୁଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ,ଏଥି ଯୋଗୁଁ ଆପଣଙ୍କ ଜୀବନ ମଧ ଯାଇପାରେ । ବନ୍ଦ ରୁମ୍ ଭିତରେ ହିଟର ଜଳାଇବା ଦ୍ୱାରା ଘର ସାରା ଗ୍ୟାସ୍ ଭରିଯାଏ ଏବଂ ଅକ୍ସିଜେନର ପରିମାଣ କମ୍ ହୋଇଯାଏ । ଏହି କାରଣରୁ ହାର୍ଟ ଆଟାକ୍ ହେବାର ମଧ ସମ୍ଭାବନା ଥାଏ । ରୁମ୍ ହିଟର ଲଗାଇବାଲେ ସେଥିରୁ କାର୍ବନ ମନୋଅକ୍ସାଇଡ୍ ଗ୍ୟାସ ନିର୍ଗତ ହୁଏ, ଯାହାକି ଆପଣଙ୍କ ହାର୍ଟ ଆଟାକର କାରଣ ସାଜିପାରେ । ଏହି ଗ୍ୟାସ ଦ୍ୱାରା ବିଭିନ୍ନ ପ୍ରକାର ରୋଗ ମଧ ଗ୍ରାସ କରିପାରେ । କାର୍ବନ ମନୋଅକ୍ସାଇଡ ଗ୍ୟାସ୍ କାଠ ଜାଳେଣି ଜାଳିବା ଓ ହିଟର ଜାଳିବା ଦ୍ୱାରା ନିର୍ଗତ ହୋଇଥାଏ । ଯଦି ଆପଣ ରୁମ ହିଟର ବ୍ୟବହାର କରିବେ ତେବେ ସେହି ଗୃହକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରନ୍ତୁ ନାହିଁ,କାରଣ ବନ୍ଦ ରୁମରେ ଏହା ବହୁତ ଶୀଘ୍ର ଏକତ୍ରିତ ହେବା ସହ ଜମା ହୋଇରୁହେ । ଡବ୍ଲ୍ୟୁଏଚଓର ମୁତାବିକ କାର୍ବନ ମନୋଅକ୍ସାଇଡର ସାଧାରଣ ସ୍ତର ୩.୫ ପିପିଏମ୍ ହୋଇଥାଏ । ଯେତେବେଳେ ଏହି ସ୍ତର ୧୦୦ରୁ ଉପରକୁ ଯାଏ ତେବେ ତାହା ମାନବ ସ୍ୱାସ୍ଥ୍ୟ ପାଇଁ ହାନୀକାରକ ହୋଇଥାଏ ।

ଏହାର ପ୍ରଭାବରେ ଯେଉଁ ଲକ୍ଷଣ ଦେଖାଯାଏ ତାହା ମୁଣ୍ଡ ବିନ୍ଧାରୁ ଆରମ୍ଭ ହୋଇଥାଏ । ଧିରେ ଧିରେ ମୁଣ୍ଡ ବୁଲାଇବା ସହ ଅସୁସ୍ଥତା ଅନୁଭବ ହୁଏ । ବର୍ତ୍ତମାନ ସାରା ଦେଶରେ ଶୀତ ଲହରୀ ଚାଲିଛି । ଏଥିରୁ ରକ୍ଷା ପାଇବା ପାଇଁ ଅନେକ ଲୋକ ଘରକୁ ରୁମ୍ ହିଟର ଦ୍ୱାରା ଗରମ ରଖିଥାନ୍ତି । ଯାହା ଦ୍ୱାରା ଥଣ୍ଡାରୁ ରକ୍ଷା ତ ମିଳିଥାଏ କିନ୍ତୁ ଅନେକ ଶାରୀରିକ ସମସ୍ୟା ଦେଖାଦିଏ । ତେଣୁ ଏହାକୁ ଅଧିକ ବ୍ୟବହାର ନକରି ଗରମ ପୋଷାକକୁ ପ୍ରାଧାନ୍ୟ ଦେବା ସହ ବ୍ୟବହାର କରିବା ମଧ ଭଲ ।

# ଗରମ ପାଣି ବିଳମ୍ବରେ ଗରମ ହୁଏ



ସମସ୍ତେ ଜାଣିଛନ୍ତି ପାଣି ଗରମ କରିବାକୁ ହେଲେ ଉପଯୁକ୍ତ ତାପମାତ୍ରା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ବି ଦେଖିବାକୁ ପଡ଼ିଥାଏ । ଆମ ସମସ୍ତଙ୍କର ଧାରଣା ଥାଇପାରେ ଯେ ଗରମ ପାଣିକୁ ଗରମ କଲେ ଶୀଘ୍ର ଗରମ ହୋଇଯାଏ । ତାହା କିନ୍ତୁ ଭୁଲ, ଗରମ ବଦଳରେ ଥଣ୍ଡାପାଣିକୁ ଗରମ କଲେ, ତାହା ଶୀଘ୍ର ଗରମ ହେବା ସହିତ କମ ଜାଳେଣି ବି ଖର୍ଚ୍ଚ ହୁଏ । ଏ ବାବଦରେ ତାଞ୍ଜାନିଆର ଜଣେ ଛାତ୍ର ଗବେଷଣା କରି ଏହାକୁ ପ୍ରକାଶ କରିବା ପରେ ବୈଜ୍ଞାନିକମାନେ ପ୍ରଥମେ ଖଣ୍ଡନ କରୁଥିଲେ ବି ପରେ ସ୍ୱୀକାର କରିଥିଲେ ।

# ଅଣ୍ଡା ଭଲ୍ କି ଖରାପ ଜାଣିବାର ଉପାୟ

ଆମେମାନେ ବଜାରରୁ ବିଭିନ୍ନ ଜିନିଷ କିଣିବା ବେଳେ ଭଲ କି ଖରାପ ଦେଖି କିଣିଥାନ୍ତି । ପୋକା, ପୋଚରା କି ଖରାପ ଜିନିଷକୁ ଛାଡ଼ି ଭଲ ଜିନିଷ କିଣୁଥାଉ । କିନ୍ତୁ ଏମିତି କିଛି ଜିନିଷ ବଜାରରେ ମିଳେ ଯାହା ଦେଖିଲେ ବି ଜାଣିବା ସମ୍ଭବ ହୋଇପାରେ ନାହିଁ । ସେମିତି ଅନେକଥର ବଜାରରୁ ଅଣ୍ଡା କିଣିବା ବେଳେ ଆଖିକୁ ସିନା ଭଲ ଅଣ୍ଡା ଦେଖାଯାଏ ହେଲେ ପରଖିବା ପାଇଁ ସେମିତି କିଛି ମାଧ୍ୟମ ନଥାଏ । ଭଲ କି ଖରାପ ଅଣ୍ଡା ଜାଣିବାକୁ ହେଲେ ତାକୁ ପାଣିରେ ପକାଇଦେଲେ ଜଣାପଡ଼ିଥାଏ । ଯେଉଁ ଅଣ୍ଡା ଖରାପ ତାକୁ ପାଣିରେ ପକାଇଦେଲେ ତାହା ଭାସିଥାଏ । ବାସ୍ତବରେ ଅଣ୍ଡା କେତେଦିନ ତଳର କିମ୍ବା ଠିକ୍ ଅଛିକି ନାହିଁ ଜାଣିବା ପାଇଁ ହେଲେ ପାଣିରେ ବୁଡ଼େଇ ହିଁ ପରୀକ୍ଷା କରାଯାଇପାରେ ।



# ଶୀତଦିନରେ ରୁପି କରୁଛନ୍ତି କି କଲବଲ ? ଆପଣାନ୍ତୁ ଏହି ଘରୋଇ ଉପାୟ ରୁପି ସମସ୍ୟାରୁ ମିଳିବ ମୁକ୍ତି

ଶୀତଋତୁଟା ସିନା ମଜା ଲାଗେ , ହେଲେ ରୁପି ସମସ୍ୟା ସଜା ଆଣିଦିଏ। ଶୀତଦିନରେ ଏହି ସମସ୍ୟାଟି ପ୍ରାୟତଃ ସମସ୍ତଙ୍କ ପାଖରେ ଦେଖାଯାଏ । କିନ୍ତୁ କିଛି ଲୋକଙ୍କ କ୍ଷେତ୍ରରେ ରୁପି ସମସ୍ୟା ଏତେ ଅଧିକ ଦେଖାଯାଏ ଯେ ବାହାରକୁ ଯିବାକୁ ମଧ ଖରାପ ଲାଗେ । ସ୍ଥାନ,କାଳ,ପାତ୍ର କିଛି ନଦେଖି ମୁଣ୍ଡ କୁଣ୍ଡାଇ ହେବ ଏବଂ ଖୋଳପା ଭଳି ଧଳା ଧଳା ଗୁଣ୍ଡ ପିନ୍ଧିଥିବା ସାର୍ଟରେ ପଡ଼ିଥିବ । କଳାରଙ୍ଗର ପୋଷାକ ପିନ୍ଧିଥିଲେ ତ କଥା ସରିଲା । ଲୋକଲଜ୍ଜା ହେବାଟା ପକ୍କା। ସ୍କାଲ୍ପରେ ହେଉଥିବା ରୁପି ଫଙ୍ଗସ୍ କାରଣରୁ ହୋଇଥାଏ ଯାହା ଡେଡ୍ ସ୍କିନ୍ ସେଲ୍ସ ଯୋଗୁଁ ବଢିଥାଏ। ରୁପିର ଆକାର ଗୁଣ୍ଡ ଏବଂ ଖୋଳପା ଭଳି ହୋଇଥାଏ ଯାହା କୁଣ୍ଡାଇବା ଦ୍ୱାରା ବାହାରେ ନାହିଁ । ଏଭଳି ସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେଇ ତେଲ , ସାମ୍ପୁ କିମ୍ବା ଔଷଧର ତ ବ୍ୟବହାର କରିପାରିବେ । କିନ୍ତୁ ଯଦି ଘରୋଇ ଉପାୟରେ ଏ ସମସ୍ୟାରୁ କିଞ୍ଚିତ ଉପସମ ପାଇବାକୁ ଚାହାଁନ୍ତି ତାହେଲେ ତଳେ ଦିଆଯାଇଥିବା ଉପାୟ ଆପଣାନ୍ତୁ । ଶୀତଦିନରେ ରୁପି ସମସ୍ୟାରୁ ମୁକ୍ତି ପାଆନ୍ତୁ ।

୧ . ୨ ଚାମଚ ନଡିଆ ତେଲରେ ସମାନ ଭାବେ ଲେମ୍ବୁ ମିଶାଇ ଗୋଳାଇ ଦିଅନ୍ତୁ । ଏହି ମିଶ୍ରଣକୁ ମୁଣ୍ଡରେ ଲଗାଇ ୨୦ ମିନିଟ୍ ଛାଡ଼ିଦିଅନ୍ତୁ । ପରେ ଚୁଟି ଧୋଇଦିଅନ୍ତୁ ।

୨ . ଦହିକୁ ରୁପି ପାଇଁ ରାମବାଣ ଔଷଧ ବୋଲି କୁହାଯାଏ । ଯଦି ଆପଣଙ୍କ ଦେହକୁ ଥଣ୍ଡା ସୁହାଉଥିବ ତାହେଲେ ଚୁଟି ମୂଳରୁ ଆରମ୍ଭ କରି ସଂପୂର୍ଣ୍ଣ କେଶରେ ଦହି ଲଗାଇଦିଅନ୍ତୁ ଏବଂ ଘଣ୍ଟାଏ ପାଇଁ ଛାଡ଼ିଦିଅନ୍ତୁ । ଏହାପରେ ଚୁଟି ସଫା କରିନିଅନ୍ତୁ ।

୩ . ରୁପି ସମସ୍ୟା ଦୂର କରିବା ପାଇଁ ନିମ୍ବରସକୁ ଆପଣାଇପାରନ୍ତି । ଏଥିପାଇଁ ନିମ୍ବପତ୍ରକୁ ବାଟି ଏହା ରସ ବାହାର କରି ୧୦ ରୁ ୧୫ ମିନିଟ୍ କେଶରେ ଲଗାଇ ଛାଡ଼ିଦିଅନ୍ତୁ ଏବଂ ଥଣ୍ଡାପାଣିରେ ମୁଣ୍ଡ ଧୋଇନିଅନ୍ତୁ , ରୁପି ଚାଲିଯିବେ ।

୪ . କମଳା ଚୋପା ରୁପି ଉପରେ ଭଲ ପ୍ରଭାବ ଦେଖାଇଥାଏ । କମଳା ଚୋପାକୁ ବାଟି ଲେମ୍ବୁ ରସ ମିଶାଇ ଏକ ପେଷ୍ଟ୍ ତିଆରି କରନ୍ତୁ ଏବଂ ଅଧଘଣ୍ଟା ମୁଣ୍ଡରେ ଲଗାଇ ଧୋଇନିଅନ୍ତୁ ।

୫ . ଗ୍ରୀନ୍ ଟି ମଧ ରୁପି ସମସ୍ୟାକୁ କମାଇବାରେ ସହାୟକ ହୋଇଥାଏ । ୨ ଟି ଗ୍ରୀନ୍ ଟି ବ୍ୟାଗକୁ ଗରମ ପାଣିରେ ପକାଇ ଥଣ୍ଡା କରିନିଅନ୍ତୁ ଏବଂ ଏହି ପାଣିକୁ କିଛି ସମୟ ସ୍କାଲ୍ପରେ ଲଗାଇରଖନ୍ତୁ।

୬ . ଗୋଟିଏ କଦଳୀରେ ୨ କପ୍ ଆପଲ୍ ସାଇଡର ଭିନେଗାର୍ ଗୋଳାଇ ନିଅନ୍ତୁ । ଏହି ପେଷ୍ଟକୁ ଚୁଟିରେ ୨୦ ମିନିଟ୍ ଲଗାଇ ରଖନ୍ତୁ ପରେ ଧୋଇନିଅନ୍ତୁ ।

୭ . ରସୁଣକୁ ବାଟି ଏଥିରେ ମହୁ ମିଶାଇ ଦିଅନ୍ତୁ । ଏହି ପେଷ୍ଟକୁ ସ୍କାଲ୍ପରେ ୧୫ ମିନିଟ୍ ଲଗାଇ ଛାଡ଼ି ଦିଅନ୍ତୁ । ରୁପି ସମସ୍ୟା ଦୂର ହୋଇଯିବ।



୮ . ଅଣ୍ଡାର ଧଳା ଅଂଶକୁ ବାହାର କରି ଚୁଟିରେ ଅଧଘଣ୍ଟା ପାଇଁ ଲଗାଇ ଛାଡ଼ିଦିଅନ୍ତୁ ଏବଂ ଭଲରେ ମୁଣ୍ଡକୁ ଧୁଅନ୍ତୁ । ଏଥିରେ ରୁପି ସମସ୍ୟା ତ ଦୂର ହେବ କିନ୍ତୁ ଭଲରେ ନ ଧୋଇଲେ ଦୁର୍ଗନ୍ଧ ବାହାରିବାର ମଧ ସମ୍ଭାବନା ଅଛି ।

୯ . ରୁପି ସମସ୍ୟା ରୋକିବା ପାଇଁ ମେଥି ଏକ ଭଲ ଉପାୟ ହୋଇପାରେ । ରାତିସାରା ମେଥିକୁ ପାଣି ଭିଜାଇ ରଖନ୍ତୁ । ସକାଳୁ ଏହି ଭିଜା ମେଥିକୁ ବାଟି ମୁଣ୍ଡରେ ପେଷ୍ଟ୍ କରି ଲଗାନ୍ତୁ । ଏଥିରେ ଲେମ୍ବୁ ଚିପୁଡ଼ି ଅଧଘଣ୍ଟା ମୁଣ୍ଡରେ ଲଗାଇ ରଖନ୍ତୁ ଏବଂ ଚୁଟି ସଫା କରନ୍ତୁ ରୁପି ସମସ୍ୟା ଦୂର ହେବ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନଲାଇନ ଗେମିଂ: ନିଶାର ବିଷବଳୟ

ଆଜିର ଅତ୍ୟାଧୁନିକ ଯୁଗରେ ସବୁକିଛି ମଣିଷର ହାତମୁଠାରେ। ଭିନ୍ନ ଭିନ୍ନ ଜୀବିକାକୁ ମାଧ୍ୟମ ଭାବେ ଗ୍ରହଣ କରି ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ସେ ଯଥାଯଥ ପ୍ରୟାସ କରୁଛି। ବିଶେଷକରି ବୈଷୟିକ ଓ ପ୍ରଯୁକ୍ତି ବିଜ୍ଞାନକୁ ଆୟତ୍ତ କରି ମାନବ ବିକାଶ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ କରିଛି ତାହା ଶବ୍ଦରେ ପରିପ୍ରକାଶ ସମ୍ଭବ ନୁହେଁ। ବୈଷୟିକ ବିଜ୍ଞାନର ଏକ ପ୍ରମୁଖ ଅସ୍ତ୍ର ସାଜିଛି ସଫ୍ଟୱେର ଇଞ୍ଜିନିୟରିଂ। ଏହାର ବ୍ୟାପକତା ସମାଜର ସବୁ କ୍ଷେତ୍ରରେ, ସବୁବର୍ଗର ଲୋକଙ୍କ ପାଖରେ ଦେଖିବାକୁ ମିଳିଛି। ସଫ୍ଟୱେର ଇଞ୍ଜିନିୟରିଂ ଏକ ଇଣ୍ଟରନେଟ ବ୍ୟବସ୍ଥିତ ସେବା, ଯାହା ଅଧୁନା ମଣିଷ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଦିନକୁ ଦିନ ଇଣ୍ଟରନେଟର ଚାହିଦା ଦ୍ରୁତଗତିରେ ବୃଦ୍ଧି ହେବାରେ ଲାଗିଛି। ସ୍ମାର୍ଟ ଯୁଗରେ ଯୁବକ, ଆବାଳ-ବୃଦ୍ଧ-ବନିତା ଯାଏଁ ସମସ୍ତେ ଇଣ୍ଟରନେଟ୍ ସାହାଯ୍ୟରେ ସବୁପ୍ରକାର ମନୋରଞ୍ଜନରେ ନିମଗ୍ନ। ଏହାର ସୁଯୋଗ ନେଉଛନ୍ତି ରାଷ୍ଟ୍ରୀୟ ଓ ବହୁରାଷ୍ଟ୍ରୀୟ ବେସରକାରୀ ସଂସ୍ଥା। ନିଜର ବାଣିଜ୍ୟ ପ୍ରତିଷ୍ଠା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସେ ଭିନ୍ନ ଭିନ୍ନ ଛୋଟ ଛୋଟ ସଫ୍ଟୱେର ପ୍ରୋଗ୍ରାମ ଆପ୍ଲିକେସନ ମାଧ୍ୟମରେ ଜନସାଧାରଣଙ୍କୁ ଆକୃଷ୍ଟ କରିବାରେ ଲଗିପଡ଼ିଛନ୍ତି। ନିଜର ଆବଶ୍ୟକତା ଅନୁସାରେ ମଣିଷ ସେହି ନିର୍ଦ୍ଦିଷ୍ଟ ପ୍ରୋଗ୍ରାମ ଆପ୍ଲିକେସନଗୁଡ଼ିକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରିଚାଲିଛି। ସାମାଜିକ ଗଣମାଧ୍ୟମ ସହିତ ରିଲ୍ସ ଆଉ ଅନଲାଇନ ଗେମିଂ ପ୍ରତି ଦୁର୍ବଳତା ବହୁମାତ୍ରାରେ ବଢ଼ିବାରେ ଲାଗିଛି। ପ୍ରାଚୀନ ସମୟରୁ ମଣିଷ ରୁଚି ଅନୁସାରେ ଭିନ୍ନ ଭିନ୍ନ ଖେଳ ସହ ଜଡ଼ିତ। ଶାରୀରିକ ଗଠନ ତଥା ମାନସିକ ଅଭିବୃଦ୍ଧି ପାଇଁ ଖେଳକୁଦର ଆବଶ୍ୟକ ନିହାତି ଜରୁରୀ। ଖେଳକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଯଥା- ଆଉଟ୍‌ଡୋର ଓ ଇନ୍‌ଡୋର। ଏବେ ଇନଡୋର ଗେମ ପ୍ରତି ଲୋକମାନଙ୍କର ଧ୍ୟାନ କେନ୍ଦ୍ରୀଭୂତ ହୋଇଛି। କେବଳ ଏହାର ମାଧ୍ୟମ ବଦଳିବାରେ ଲାଗିଛି। ଉଚ୍ଚବର୍ଗ ନିମ୍ନ ବର୍ଗ ଓ ସବୁ ବୟସର ଲୋକଙ୍କ ମଧ୍ୟରେ ଆମୋଦ ପ୍ରମୋଦ ପାଇଁ ଇନ୍‌ଡୋର ଖେଳର ପରିକଳ୍ପନା ହୋଇଥିଲା। ଖେଳକୁ ଆକର୍ଷଣ ତଥା ଲୋକପ୍ରିୟତା ପାଇଁ ହାରଜିତ୍‌ର ଟ୍ରଫି ସହ ନଗଦ ଟଙ୍କାର ଉପହାର ବ୍ୟବସ୍ଥା ହେଲା। ସବୁବେଳେ ସାଧାରଣ ଲୋକମାନଙ୍କ ସହ ସାମନାସାମନି ଖେଳିବା ସମ୍ଭବ ନ ହେବାରୁ ସଫ୍ଟୱେର ଗେମ୍‌ର ସୃଷ୍ଟି ହେଲା। ତାକୁ ଇଣ୍ଟରନେଟ୍ ମାଧ୍ୟମରେ ଅନଲାଇନ୍ ଖେଳିବାର ବ୍ୟବସ୍ଥା କରାଗଲା। ସମୟକ୍ରମେ ଅନଲାଇନ ଖେଳର ପରିସର ବଢ଼ିବାରେ ଲାଗିଛି ଏବଂ ଏହା କାଳକ୍ରମେ ଖେଳରୁ ଜୁଆକୁ ପରିବର୍ତ୍ତିତ ହେଉଛି। ଅଳ୍ପ ସମୟ ମଧ୍ୟରେ ବିନା ପରିଶ୍ରମରେ ଅଧିକ ଅର୍ଥ ଉପାର୍ଜନ କରିବାର ସୁଯୋଗକୁ କେହି ହାତଛଡ଼ା କରିବାକୁ ଚାହୁଁନାହାନ୍ତି। କେବଳ ସେତିକି ନୁହେଁ ସମୟେ ସମୟେ ବମ୍ପର ପୁରସ୍କାର ବ୍ୟବସ୍ଥା ମଧ୍ୟ ଅନଲାଇନ ଖେଳ ଯୁବ ସମାଜକୁ ପ୍ରଲୁବ୍ଧ କରୁଛି। ଶିଶୁଠାରୁ ବୟସ୍କ ଯାଏଁ ସମସ୍ତେ ଅନଲାଇନ ଖେଳର ନିଶାରେ ବିଭୋର। କୋଟି କୋଟି ଟଙ୍କା ସହ ଚାରିଚକିଆ ଦାମି ଗାଡ଼ିକୁ କାହାରବା ଲୋଭ ନାହିଁ? ସ୍ମାର୍ଟ ଫୋନ୍ ପ୍ଲେଷ୍ଟୋର ଜରିଆରେ ଇଣ୍ଟରନେଟ୍‌କୁ ହତିୟାର କରି ବ୍ୟସ୍ତ ସମସ୍ତେ ରୋଜଗାର କରିବା ଆଶାରେ। ରାତାରାତି କୋଟିପତି ହେବାର ନିଶା ଲାଗିଛି ସଭିଙ୍କୁ। ଗଣମାଧ୍ୟମ ବିଜ୍ଞାପନ ମାଧ୍ୟମରେ ଅନଲାଇନ ଖେଳର ଯେଉଁଭଳି ବ୍ୟାପକ ପ୍ରଚାର ପ୍ରସାର ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଛି, ତାହା ଯୁବ ସମାଜକୁ ଆହୁରି ଆକର୍ଷିତ କରିଚାଲିଛି। ଯୁବକମାନେ ଅଧିକ ଉପାର୍ଜନ ଆଶାରେ ଅନଲାଇନ ଖେଳରେ ଏତେମାତ୍ରାରେ ପ୍ରଭାବିତ ଓ ଆସକ୍ତ ହୋଇଯାଉଛନ୍ତି ଯେ ତା'ର ଆକଳନ କରିହେବନି। ଖେଳର ମୁଖ୍ୟ ଉଦ୍ଦେଶ୍ୟ ମାନସିକ ଓ ଶାରୀରିକ ଚାପମୁକ୍ତ ସହ ମନୋରଞ୍ଜନ। କିନ୍ତୁ ଅନଲାଇନ ଖେଳ କିଛି ବେସରକାରୀ ସଂସ୍ଥା ପାଇଁ ଅର୍ଥ ଉପାର୍ଜନର ମାଧ୍ୟମ ପାଲଟି ଯାଇଛି। ଏ ଦୁନିଆର ଏମିତି କିଛି ଖେଳ ନାହିଁ, ଯାହା ବିନା ପଇସାରେ ବା ଅର୍ଥରେ ଖେଳାଯାଇଛି। ଟଙ୍କାକୁ ଦିଟଙ୍କା, ପୁଣି ଦଶଗୁଣ କରିବା ଆଶାରେ ଖେଳା ଯାଉଥିବା ଖେଳକୁ ବରଂ ଜୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆରମ୍ଭରେ ଭାରି ଭଲ ଲାଗେ; ବିଶେଷ କରି ବାଜି ଜିତି କିଛି ଅର୍ଥ ଅର୍ଜନ କଲେ। କିନ୍ତୁ ସବୁଦିନ ଜହ୍ନ ରାତି ନଥାଏ। ଅଧିକ ଅର୍ଥ ରୋଜଗାର କରିବାର ମୋହରେ ଅନ୍ଧ ହୋଇ ମଣିଷ ଖେଳି ଚାଲେ। ଜିତିଲେ ଆଶା ଆହୁରି ବଢ଼ିଯାଏ। ପୁଣି ଥରେ ହାରିଗଲେ ନିଜ ଅର୍ଥକୁ ଫେରିପାଇବା ପାଇଁ ସେ ଯେଉଁ ପ୍ରୟାସ କରେ ସେଥିରେ କେବେ ସଫଳ ତ କେବେ ବିଫଳ ହୁଏ। ଉଭୟ ସଫଳ ଓ ବିଫଳ ତା'କୁ ନିଶାସକ୍ତ କରାଏ। ତା' ମାନସ ପଟରେ ଉନ୍ମାଦନା ବାରମ୍ବାର ତା'କୁ ଉତ୍ସାହିତ କରାଏ ସେଇ ଜାଲରେ ଛନ୍ଦି ହେବା ପାଇଁ। କିଛିସମୟ ପାଇଁ ଅର୍ଥ ଉପାର୍ଜନ ସହ ଆତ୍ମବିଭୋର ହୁଏ। ନାରୀ, ମଦ, ଆଉ ଜୁଆର ନିଶା ଅତି ସାଙ୍ଘାତିକ। ଥରେ ଏଇ ତିନି ନିଶା ଲାଗିଲେ ସେ ବିଷବଳୟରୁ ନିଜକୁ ମୁକ୍ତ କରିବା ବଡ଼ କାଠିକର ପାଠ। ଜ୍ଞାନୀ ଗୁଣୀ ବୁଦ୍ଧିମାନମାନେ ମଧ୍ୟ ହୋଇଛନ୍ତ ବାଟବଣା। ଯେମିତିକି ମହାଭାରତର ଧର୍ମବୀର ଯୁଧିଷ୍ଠିର। ଜୁଆର ନିଶାରେ ତାଙ୍କୁ ସର୍ବସ୍ୱ ହରାଇବାକୁ ପଡ଼ିଥିଲା। ଜୁଆକୁ ନିଶା କରି ଯେମିତି ପାଣ୍ଡବମାନେ ରାଜ୍ୟ ଧନସମ୍ପଦ ସର୍ବସ୍ୱ ହରାଇବା ପରେ ମଧ୍ୟ ଶେଷରେ ସ୍ତ୍ରୀଙ୍କୁ ବାଜି ରଖି ତାକୁ ବି ହାରିବାକୁ ପଡ଼ିଲା, ତାହାର ପୁନରାବୃତ୍ତି ନ ଘଟୁ। ପଶାରେ ବିଜୟ ହୋଇ ଯେଉଁ ଅସଭ୍ୟ କର୍ମ କରିବା ପାଇଁ ଦୁର୍ଯ୍ୟୋଧନ ସାହସ କରିଥିଲା, ତାର ଫଳାଫଳ ମହାଭାରତ ଯୁଦ୍ଧ ଓ କୁରୁବଂଶର ବିନାଶ। 'ଜୁଆ'ର ଉଭୟ ବିଜୟ ଓ ପରାଜୟ ମଣିଷ ସମାଜ ପାଇଁ ଅନର୍ଥର କାରଣ। ଆଧୁନିକ ଯୁଗରେ ମଧ୍ୟ ତାହାର ପ୍ରଭାବ ରହିଛି।

# ଜୀବନ ପରୀକ୍ଷାର ଆନନ୍ଦମୟ ଆହ୍ୱାନ



## ଯଶସ୍ୱିନୀ ପଟ୍ଟନାୟକ

'ବିଦ୍ୟା ଅଟଇ ମହାମିତ, ସେ ସଙ୍ଗେ ହୁଅ ହେ ପବିତ୍ର।'

ପିଲାମାନେ, ତୁମେ ମାନେ ଆଗକୁ ଆସୁଥିବା ମାଟ୍ରିକ ପରୀକ୍ଷାକୁ ନେଇ ଚିନ୍ତିତ ହେଉଛ କି? ମନେରଖିଥାଅ ଜୀବନ ଏକ ପରୀକ୍ଷା। ଜୀବନର ପ୍ରତିଟି ମୁହୂର୍ତ୍ତ ଭିତରେ ଆମେ ଦୈବ ଓ କର୍ମର ପରୀକ୍ଷାକୁ ସାମ୍ନା କରିଥାଉ। ମଣିଷର ଜୀବନ ସମ୍ପୂର୍ଣ୍ଣ ଧରାବନ୍ଧା ପରୀକ୍ଷା ଭିତରେ ଆବଦ୍ଧ। କିଏ ଉତ୍ତୀର୍ଣ୍ଣ ହୋଇଯାଉଛି, କିଏ ଉତ୍ତୀର୍ଣ୍ଣ ହେବା ପାଇଁ ସମୟ ନେଉଛି। କିନ୍ତୁ ଜୀବନଚକ୍ରର ପରୀକ୍ଷାରେ ସମସ୍ତେ ଅତିକ୍ରମ କରି ସଫଳତା ପାଉଛନ୍ତି। ଯେଉଁମାନେ ବିଫଳତା ବୋଲି କିଛି ଭାବୁଛନ୍ତି ତାହା ପ୍ରକୃତରେ ଅସଫଳତା ନୁହେଁ ତାହା ହେଉଛି ଏକ ଆହ୍ୱାନଭରା ପରୀକ୍ଷା। ଶିକ୍ଷା ବିଭାଗ ପରିଚାଳିତ ମାଟ୍ରିକ ପରୀକ୍ଷା ଆଉ ଅଳ୍ପ ଦିନ ରହିଥିବାବେଳେ ଏହି ପରୀକ୍ଷାକୁ ନେଇ ପିଲାମାନଙ୍କ ଭିତରେ ଅନେକ ଦ୍ୱନ୍ଦ, ଅହେତୁକ ଭୟ ଓ ଚାପ ମଧ୍ୟ ଆସିଥାଏ। ନିଜ ପାଠ୍ୟ ପ୍ରସ୍ତୁତିକୁ ନେଇ ଚାପ, ଅଭିଭାବକମାନଙ୍କ ଚାପ ଆଉ ବିଦ୍ୟାଳୟର ଚାପ ଏ ସବୁ ଭିତରେ ସହପାଠୀ ମାନଙ୍କ ଏକ ଚାପକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମୁଁ ତୁମ ମାନଙ୍କୁ ସମ୍ପୂର୍ଣ୍ଣ ଚାପମୁକ୍ତ ରହି ଆନନ୍ଦମୟ ପରୀକ୍ଷା ପାଇଁ ପ୍ରସ୍ତୁତି ନିମିତ୍ତ କିଛି କଥା ବାଣ୍ଟିବାକୁ ଆଜି କଲମ ଧରିଛି। ତୁମେ ସମସ୍ତେ ହେଉଛ ଜୀବନ ପରୀକ୍ଷାର ଜଣେ ଜଣେ ସଫଳ ଓ ଉତ୍ତୀର୍ଣ୍ଣ ତଥା ଉଜ୍ଜ୍ୱଳତମ ତାରକା ଏହାକୁ କେବେ ଭୁଲିଯାଅ ନାହିଁ। ଚାପମୁକ୍ତ ଜୀବନ ହେଉଛି ପଶୁପକ୍ଷୀ ମାନଙ୍କର। ଆମ୍ଭେମାନେ ଦିବ୍ୟ ମଣିଷ ଜୀବନ ପାଇଛେ ଚାପକୁ ସହ୍ୟ କରିପାରିବା ପାଇଁ। ତେଣୁ ଜୀବନ ପରୀକ୍ଷାକୁ ଏକ ଆନନ୍ଦମୟ ମୁହୂର୍ତ୍ତ ଓ ଖୁସିର ଉତ୍ତୀର୍ଣ୍ଣ ପାର୍ବଣ ବୋଲି ଗ୍ରହଣ କର। ତୁମ ବାପା-ମାଆ, ତୁମକୁ ମାର୍ଗ ଦେଖାଉଥିବା ଯେ କେହି ବି ହୁଅନ୍ତୁ, ତୁମ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ତୁମ ଟ୍ୟୁସନ ବା କୋଚିଂର ସାର ଏପରିକି ତୁମ ସହପାଠିନୀମାନେ ମଧ୍ୟ ତୁମ ପାଇଁ ଉତ୍ତମ ସୁମାର୍ଗ ଦର୍ଶକ। ଆଉ ସବୁବେଳେ ମୁଁ ତୁମ ମାନଙ୍କୁ କହିଛି, ତୁମେମାନେ ମୋତେ ତୁମର ଜଣେ ବନ୍ଧୁ ଭାବେ ଗ୍ରହଣ କରିବ। ତୁମ ସହ ସମୟ କାଟି ତୁମକୁ କିଛି ପରିମାଣରେ ଚାପମୁକ୍ତ ରଖିବା ପାଇଁ ମୋର ଏହି ଛୋଟିଆ ଆବେଗଭରା ଆଲେଖ୍ୟଟି ରଖୁଛି।

ସର୍ବପ୍ରଥମେ ଏହାକୁ ଏକ ଆହ୍ୱାନଭରା, କଷ୍ଟକର ଏବଂ ଗଣିତ ପାଠ ପରି ଅବୁଝା ମାନସାଙ୍କ ଭାବନା। ତୁମେ ବର୍ଷ ସାରା ଯେଉଁ ବହିପତ୍ରର ଅଙ୍କାବଙ୍କା ଅକ୍ଷର ସହିତ ଓ ଘଟଣା ସହିତ ଜଡ଼ିତ ରହିଛ ତାହା କ'ଣ ତୁମ ପାଇଁ ଅବୁଝା? ଦୁର୍ବୋଧ? ତାହା କ'ଣ ତୁମ ପାଇଁ କେବେ ଆହ୍ୱାନ ସୃଷ୍ଟି କରିବ? କାରଣ ଗୋଟିଏ ପାଠପଢ଼ାର ବହିର ଅକ୍ଷର ଗୁଡ଼ିକ କେବଳ ପରୀକ୍ଷା ପାଇଁ ନୁହେଁ ଏହା ତୁମ ଜୀବନର ଅତି ମୂଲ୍ୟବାନ ଓ ସ୍ମରଣୀୟ ଧାଡ଼ି ଗୁଡ଼ିକ। ତେଣୁ ଏ ସବୁକୁ ପରୀକ୍ଷାର ଜିନିଷ ବୋଲି ଆଦୌ ବିଚାର କରନାହିଁ। ବେଶ ଖୁସି ଓ ଆନନ୍ଦର ସହିତ ପରୀକ୍ଷାର ଦିନକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ରୁହ। ତୁମେ ଟିକିଏ ମନେପକାଅତ, ନୂଆବର୍ଷ ହେଉ ବା ଦଶହରା, ତୁମ ଜନ୍ମ ଦିନ ହେଉ ବା ତୁମର କୌଣସି ଘରୋଇ ଉତ୍ସବ ଅବକାଶ ଏହାକୁ ତୁମେ କେତେ ଖୁସି ଓ ଆନନ୍ଦର ସହିତ ଅପେକ୍ଷା କରିଥାଅ। ଠିକ ସେହିପରି ପରୀକ୍ଷା ତ ତୁମର ଏକ ଆନନ୍ଦମୟ ଅବସର। ତାକୁ ଖୁସି ଓ ଆନନ୍ଦର ସହିତ ସ୍ୱାଗତ କର। ଦେଖିବ ପରୀକ୍ଷା ଓ ତୁମ ଭିତରେ କୌଣସି ପ୍ରଭେଦ ମଧ୍ୟ ରହିବନାହିଁ। ଦ୍ୱିତୀୟରେ ପରୀକ୍ଷା ପୂର୍ବ ସମୟ ଓ ତୁମର ବର୍ଷ ତମାମର ସମୟ ଭିତରେ କୌଣସି ପାର୍ଥକ୍ୟ ରଖନାହିଁ। ତୁମ ସମୟର, ତୁମ ଘର ଘଣ୍ଟାର କଣ୍ଟା ଗୁଡ଼ିକ ଯେଉଁପରି ପ୍ରତିଦିନ ଅତିକ୍ରମ କରେ ଠିକ ସେହିପରି ତୁମେ ତାହାକୁ ଅତିକ୍ରମ କର ଓ ତା ସହିତ ସମୟ ଅତିବାହିତ କର। ଅର୍ଥ ମୁଁ ତୁମକୁ ଟିକେ ବୁଝାଇ ଲେଖୁଛି। ତୁମେ ଯେଉଁ ସମୟରେ ବିଛଣା ଛାଡ଼, ଯେଉଁ ସମୟରେ ତୁମ ବ୍ରେକଫାଷ୍ଟ ଗ୍ରହଣ କର, ଯେଉଁ ସମୟରେ ତୁମେ ଶୋଇବାକୁ ଯାଅ, ଯେଉଁ ସମୟରେ ତୁମେ କିଛି ସମୟ ବୁଲାବୁଲି କରିବାକୁ ପସନ୍ଦ କର, ଯେଉଁପରି ଘରର ଲୋକଙ୍କ ସହିତ ସମୟ କାଟ ଠିକ ସେହିପରି ତୁମ ସମୟର ମୁହୂର୍ତ୍ତ ଗୁଡ଼ିକୁ ଅତିବାହିତ କର।

ସେହିପରି ବିଚଳିତ, ଅଧୈର୍ଯ୍ୟ, ଭୟ ଓ ଆଶଙ୍କା ଏହି ଚାରୋଟି ଶବ୍ଦକୁ ତୁମ ଡିକ୍ସିନାରୀରୁ କିଛି ଦିନ ପାଇଁ ସେମାନଙ୍କୁ ବନ୍ଧୁ ତାଲିକାରୁ କାଟି ରଖିଦିଅ। ଜୀବନର ପରବର୍ତ୍ତୀ ସମୟରେ ସେମାନଙ୍କୁ ତୁମେ ବନ୍ଧୁ କରିପାର! ଘରୋଇ ଖାଦ୍ୟ, ମାଆଙ୍କ ହାତରନ୍ଧା ଖାଦ୍ୟ ଯାହାକି ସୁଷମ ଓ ସ୍ୱାସ୍ଥ୍ୟକର ତାହାକୁ ଗ୍ରହଣ କର। ରାତିରେ ଅତି କମରେ ସାତ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଏହାସହ ଶୋଇବା ପୂର୍ବରୁ ଗରମ କ୍ଷୀର କିମ୍ବା ନଖ ଉଷୁମ ପାଣିରେ ଲେମ୍ବୁ ରସ ପକାଇ ପିଇବା ଭଲ। ମାସକ ପରେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ପରୀକ୍ଷାର୍ଥୀଙ୍କୁ ଏ ବିଷୟରେ ସଚେତନ କରିବାକୁ ନିକଟରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଓସେପା ପକ୍ଷରୁ ପରାମର୍ଶ ଦିଆଯାଇଛି ଯେ ଛାତ୍ରଛାତ୍ରୀ ଦୈନିକ ଆଠ ଘଣ୍ଟାରୁ ଦଶ ଘଣ୍ଟା ପଢ଼ିବା ପରେ ବାକି ସମୟର ନିଜକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିୟୋଜିତ କରାନ୍ତୁ। ଏକାଗ୍ରତା ବଢ଼ାଇବା ପାଇଁ କିଛି ସମୟ ବ୍ୟାୟାମ ଓ ଯୋଗ କରନ୍ତୁ। ପୁଣି ପ୍ରତି ବିଷୟ ପଢ଼ିବା ଆରମ୍ଭରେ ତିରିଶ ମିନିଟ ଲେଖାଏଁ ପୂର୍ବରୁ ପଢ଼ିଥିବା ପାଠକୁ ରିଭିଜନ ଓ ଲେଖିବା ଅଭ୍ୟାସ କରନ୍ତୁ।

ଓସେପା ପକ୍ଷରୁ ପୁଣି କୁହାଯାଇଛି ଯେ, ପରୀକ୍ଷାର୍ଥୀଙ୍କ ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି। ପିଲାମାନେ ପରୀକ୍ଷାରେ କରୁଥିବା ସାଧାରଣ ଭୁଲ ଗୁଡ଼ିକୁ ଚିହ୍ନଟ କରି ତାଙ୍କ ସହିତ ଆଲୋଚନା କରାଯିବା ଉଚିତ। ପରୀକ୍ଷାରେ ଆସୁଥିବା ପ୍ରଶ୍ନ ବା ସମସ୍ୟାକୁ ପିଲାମାନଙ୍କୁ ବୁଝାଇବା ପାଇଁ ଶିକ୍ଷକମାନେ ସହଜ କୌଶଳ ବା ପଦ୍ଧତି ଅବଲମ୍ବନ କରିବେ। କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ବୁଝିବାରେ କଷ୍ଟ ଲାଗୁଥିଲେ ସେଗୁଡ଼ିକୁ ଗୋଟିଏ ସ୍ୱତନ୍ତ୍ର ଶ୍ରେଣୀରେ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି। ଅଭିଭାବକଙ୍କୁ ମଧ୍ୟ କେତେକ ଉପଯୋଗୀ ପରାମର୍ଶ ଦିଆଯାଇଛି। ଘରେ ଅନୁକୂଳ ପରିବେଶ ସୃଷ୍ଟି କରି ପିଲାକୁ ପାଠ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ପଢ଼ିବା ସହିତ ଖେଳ ଓ ମନୋରଞ୍ଜନ ସୁଯୋଗ ଦେବା, ପିଲାର ଖାଇବା ଓ ଶୋଇବା ପ୍ରତି ଧ୍ୟାନ ଦେବା, ନିଜର ପିଲାକୁ ଅନ୍ୟ କେଉଁ ପିଲା ସହିତ ତୁଳନା ନ କରିବା, ପିଲାର ସାମର୍ଥ୍ୟ ଅନୁସାରେ ତା ଠାରୁ ସେତିକି ଆଶା କରିବା, ପିଲା ସହିତ ଖୋଲାଖୋଲି ଭାବେ ଆଲୋଚନା କରିବା, ଯଦିଓ ପରୀକ୍ଷାକୁ ନେଇ ତାହାର ଚିନ୍ତା ଓ ଭୟ ଦୂର କରାଇ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଏଥି ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ପରୀକ୍ଷା ପ୍ରସ୍ତୁତି ବିଷୟରେ ଆଲୋଚନା କରିବାକୁ ବିଦ୍ୟାଳୟ ଗୁଡ଼ିକୁ କୁହାଯାଇଛି। ଏସବୁ ବାଦ ତୁମେ, ଯେଉଁ ପାଠ୍ୟକ୍ରମ ବୁଝି ପାରୁନାହିଁ ତୁମ ଶ୍ରେଣୀ ଶିକ୍ଷକ ହୁଅନ୍ତୁ ବା ତୁମ କୋଚିଂ ସହାୟକ ସାର ତାଙ୍କ ପରାମର୍ଶ ନିଅ। ହଁ, ପିଲାମାନେ ଗୋଟିଏ ଭଲ କଥା ଟିକିଏ ମନେରଖ। କେହି କେହି କୁହନ୍ତି ପରୀକ୍ଷା ପୂର୍ବରୁ ମୋବାଇଲ ଫୋନ ଆଦୌ ଧରିବ ନାହିଁ। ମୁଁ କିନ୍ତୁ ତୁମ ମାନଙ୍କୁ ଏପରି ପରାମର୍ଶ ଦେବି ନାହିଁ। ତୁମେ ନିଶ୍ଚିନ୍ତ ଧୈର୍ଯ୍ୟଶୀଳ ଓ ସଂଯମୀ ତାହା ମୁଁ ଜାଣେ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅବଧାନ ରଖି ତୁମେ କିଛି ସମୟ ମୋବାଇଲ ପାଇଁ ଦେଇପାର। ଏହାତୁମ ପାଠ୍ୟକ୍ରମ ସହ ମାନସିକତା ପାଇଁ ଜରୁରୀ ମଧ୍ୟ। ଖୋଲା ପବନରେ, କିଛି ଖୋଲା ପରିବେଶରେ ସମୟ କାଟିବାକୁ ପସନ୍ଦ କର। ତେବେ ଗରିଷ୍ଠ ଖାଦ୍ୟ, ଯେହେତୁ ବର୍ତ୍ତମାନ ଶୀତ ଦିନ ଥଣ୍ଡା ଓ ବାସୀ ଖାଦ୍ୟ ନଖାଇବା ଭଲ। କାରଣ ବର୍ତ୍ତମାନର ପାଣିପାଗ ପାଇଁ ଏହା ତୁମ ପାଇଁ ଶରୀର କଷ୍ଟ ହୁଏତ ଆଣିପାରେ। କୌଣସି ପ୍ରକାରର ଗୁଜବ ବା ସୋସିଆଲ ମିଡ଼ିଆର ଅପପ୍ରଚାରକୁ ଆଦୌ ଶୁଣ ନାହିଁ। ଚାପରୁ ମୁକ୍ତ ହୋଇ, ତୁମେ ନିତିଦିନ ଯେଉଁ ବହି ଅକ୍ଷରର ବନ୍ଧୁମାନଙ୍କୁ ଆପଣେଇଛ ସେମାନଙ୍କ ଉପରେ ଭରଷା, ବିଶ୍ୱାସ ଓ ଆସ୍ଥା ରଖି ତୁମ ଜୀବନର ସବୁଠାରୁ ମୂଲ୍ୟବାନ ଓ ଉପଯୋଗୀ ପରୀକ୍ଷା ବନ୍ଧୁକୁ ସାମ୍ନା କରିବାକୁ ପ୍ରସ୍ତୁତ ହୁଅ। ଦେଖିବ ସେ ତୁମ ହାତ କେବେ ଛାଡ଼ିବ ନାହିଁ, ତୁମ ମନକୁ ଉଣା କରିଲାପରି ତୁମକୁ ଅସଫଳର ବିନ୍ଦୁଏ ଭରଷା ମଧ୍ୟ କମ କରିବନାହିଁ, ତୁମକୁ ସଫଳତାର ସୂର୍ଯ୍ୟୋଦୟ ଦେଖାଇବା ସହ ଜୀବନକୁ ଆଗେଇ ନେବା ପାଇଁ ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ନିଶ୍ଚିନ୍ତ ସେ ତୁମକୁ ସାଫଲ୍ୟର ବିଜୟ ମାଳା ପିନ୍ଧାଇବ ଏହା ଦୃଢ଼ ନିଶ୍ଚିନ୍ତ। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡ଼ିଟି ତୁମ ମାନଙ୍କୁ ମନେପକାଇ ଦେଉଛି - 'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ। ବିଦ୍ୟା ଅଟଇ ମହାମିତ, ସେ ସଙ୍ଗେ ହୁଅ ହେ ପବିତ୍ର। ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ।'

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



## ଅକ୍ଷୟ କୁମାର ରାଉତ

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ। ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ। ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ। ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ରୁଧିମନ୍ତ କରିଛି।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ। ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ। ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ। ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ)। ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ। ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ।


ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ। ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ। ସେମାନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ। ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ। ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ। ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ। ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ। ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ। ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ। ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ। ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ। ପୃଥ୍ୱୀଙ୍କ ତିନୋଟି ପୁଅଥିଲେ। ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ। ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ। ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ। ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ। ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେଓ୍ୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ। ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା। ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ୱଧାରଣ କରି ଥିଲେ। ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ। ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ। ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ। ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ। ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ। ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ।

ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ। ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା। ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ। ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ।

ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ। ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା। ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା।। ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଳା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ। ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ। ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ। ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ। ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ। ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା। ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ,



ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ। ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ। ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ।

୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା। ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ। ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା। ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତ୍ତୃପକ୍ଷ କରାଇଥିଲେ। ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା। ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ। ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

କବିତା କୋଣାର୍କ

## ଆମ ଚରିତ୍ର

### ଯୋଗାଚାର୍ଯ୍ୟ ଅନାମ ମହାମୁନି

ସତ୍ୟ ଆମ କର୍ମ, ସତ୍ୟ ଆମ ଧର୍ମ
ସତ୍ୟ ଆମରି ବଚନ ।
ସତ୍ୟ ଆମ ଲକ୍ଷ୍ୟ, ସତ୍ୟ ଆମ ଆଦର୍ଶ
ସତ୍ୟ ହିଁ ଆମ ଦର୍ଶନ ।

ସତ୍ୟ ଆମ ଚିନ୍ତା, ସତ୍ୟ ଆମ ଚେତନା
ସତ୍ୟ ଅଟେ ଆମ ସ୍ୱପ୍ନ।
ସତ୍ୟ ଆମ ଜୀବନ, ସତ୍ୟ ଆମ ଜୀବିକା
ସତ୍ୟ ଅଟେ ଆମ ଧ୍ୟାନ ।

ସତ୍ୟରେ ଚାଲୁଛୁ, ସତ୍ୟରେ ବଞ୍ଚୁଛୁ
ସତ୍ୟ ପାଇଁ ଦେବୁ ପ୍ରାଣ ।
ସତ୍ୟ ଏହି ବିଶ୍ୱ, ସତ୍ୟ ସନାତନ,
ସତ୍ୟ ଅଟେ ଭଗବାନ ।

ସତ୍ୟ ଆମ ତନ୍ତ୍ର, ସତ୍ୟ ଆମ ମନ୍ତ୍ର,
ସତ୍ୟ ଆମ ଜୀବନ ଧାରା।
ସତ୍ୟ ଆମ ଯଜ୍ଞ, ସତ୍ୟ ଆମ ଲଗ୍ନ,
ଅହିଂସା ଆମର ନାରା ।

ସତ୍ୟ ଆମ ରୀତି, ସତ୍ୟ ଆମ ନୀତି
ସତ୍ୟ ଆମ ପ୍ରତିଶ୍ରୁତି ।
ସତ୍ୟ ଆମ କୀର୍ତ୍ତି, ସତ୍ୟ ଆମ ବୃତ୍ତି
ସତ୍ୟ ଆମ ବିଶ୍ୱ ଗୀତି ।

ସତ୍ୟ ଆମ ବୁଦ୍ଧି, ସତ୍ୟ ଆମ ବିବେକ
ସତ୍ୟ ଆମ ମନବୃତ୍ତି ।
ସତ୍ୟ ଆମ ପ୍ରାଣ, ସତ୍ୟ ଆମ ଆତ୍ମା
ସତ୍ୟ ଆମ ଅନୁଭୂତି ।

ସତ୍ୟ ଆମ ଚିହ୍ନ, ସତ୍ୟ ଆମ ପତାକା
ସତ୍ୟ ଆମ ବିଚାରଧାରା ।
ସତ୍ୟ ଆମ ସାଧନା, ସତ୍ୟ ଆମ କାମନା
ବିଶ୍ୱ ଶାନ୍ତି ଆମ ନାରା।

ସତ୍ୟ ସନାତନ ପ୍ରତିଷ୍ଠା କରିବା
ସତ୍ୟ ପଥେ ଆମେ ରହି ।
ସତ୍ୟଯୁଗ ଆମେ ଧରାକୁ ଆଣିବା
ପ୍ରତିଜ୍ଞା ଆମର ଏହି ।

+ଅଧ୍ୟକ୍ଷ, ବିଶ୍ୱ ସନାତନ ସତ୍ୟଯୁଗ ଫାଉଣ୍ଡେସନ୍ ଟ୍ରଷ୍ଟ
ମୋ:୯୬୬୮୭୯୪୧୨୧

## ପବନ ଗାଏ ସମର ଗୀତ

### ପ୍ରଶାନ୍ତ କୁମାର ରାଉଳ

ପବନ ଗାଏ ସମର ଗୀତ ତ୍ରିରଙ୍ଗା ହସେ ଉଠି
ସେଇ ଦେଶର ଉପବନରେ ଆମେ ଟିକି ଫୁଲଟି॥

ଆମ ସାହିତ୍ୟ ଆମରି କଳା ଆମ ଜୀବନ ମଧୁର କଳା
ଓଡିଆଣୀର ମୁରୁଜ ଆଉ ପୁନେଇଁ ପରବ ଯାତ
ସମ୍ବଲପୁରୀ ଓଡିଶୀ ନାଚ ଗୀତ ଜଗତେ ଖ୍ୟାତ
ରାମାୟଣ ଆଉ ମହାଭାରତ ଗୀତା ଜୀବନ ଜ୍ୟୋତି।

ମହା ଉଦାର ଏ ଦେଶ ଗୋପ ଜଳି ଯାଇଛି ପରି ସେ ଧୂପ
ବଢେଇ କୁଳ ମହତ ଲାଗି ଧରମା ଦେଲା ପ୍ରାଣ
ଟିକି ବାଜିଆ ରଖିଛି ମାନ ପାତାଇ ଦେଇ ଛାତି॥

କାଶ୍ମୀରଠାରୁ କନ୍ୟା କୁମାରୀ ଭାଇଚାରାର କଥା ସୁମରି
ଶାନ୍ତି ଆମର ଜୀବନ ଲକ୍ଷ୍ୟ ଅହିଂସା ଅମୋଘ ଶକ୍ତି॥

ଆମର ବୀର ପୂର୍ବ ପୁରୁଷ ବୀର ପାଇକ ଜାତି
ତାଙ୍କ ରକତ ବହୁଛି ଦେହେ ମନରେ କିଆଁ ଭୀତି ?
ଖଟରେ ଶୋଇ ମାଗଣା ଖାଇ ବଢେନା ଜାତି ପ୍ରୀତି
ଚନ୍ଦ୍ରରେ ଚନ୍ଦ୍ରାୟନ ପହଞ୍ଚି ତ୍ରିରଙ୍ଗା ଉଡାଇଛି
ସେଇ ଦେଶର ଆମେ ଟୁଆଁ ଟୁଇଁ ଆଗାମୀ ସକାଳ ଜ୍ୟୋତି
ଆମ କରଣୀରେ ହସିବ ଦେଶ ବନ୍ଦନା କରୁଁ ଭାରତୀ ॥



+ଭଞ୍ଜକଲୋନୀ,ଜଳେଶ୍ୱର,ବାଲେଶ୍ୱର
ମୋ-୮୧୪୪୮୬୪୫୮୪



# ଫୁଲଝରି





# ଧ୍ୱନି ପ୍ରତିଧ୍ୱନି





## କବିତା
ତୁମ ପାଇଁ

### ଏଇ ତ୍ରିରଙ୍ଗାର ତଳେ

**ରତ୍ନକାନ୍ତି ମିଶ୍ର**

ଲହୁ ଲୁହ ବୁହା କଷ୍ଟଲବ୍ଧ ଫଳ
ତ୍ରିରଙ୍ଗା ପତାକା ଆମ
ବୀର ସନ୍ତାନଙ୍କ ତ୍ୟାଗ ବଳିଦାନେ
ଦେଶ ଆମ ସାର୍ବଭୌମ ।

ତ୍ରିରଙ୍ଗା ପତାକା ଉଡେ ଫରଫର
ମୁକ୍ତିର ବାରତା ଦେଇ
ବୀର ସନ୍ତାନଙ୍କ ତ୍ୟାଗର ମହିମା
କେବେ ଭୁଲିଯିବା ନାହିଁ ।।

ଜାତୀୟ ପତାକା ଆମରି ଗୌରବ
ଏ ଦେଶର ସ୍ୱାଭିମାନ
ନାରଙ୍ଗୀ, ସବୁଜ,ସଫେଦ ରଙ୍ଗ ତା
ମଧ୍ୟଭାଗେ ଚକ୍ର ଚିହ୍ନ ।

ସାହସ ବୀରତ୍ୱ ସତ୍ୟ ଭ୍ରାତୃତ୍ୱର
ପରାକାଷ୍ଠା କଥା କହେ
ନୀଳବର୍ଣ୍ଣ ଚକ୍ର ପ୍ରଗତି ସନ୍ତକ
କୋଟି ଜନ ମନ ମୋହେ ।

ଶାନ୍ତିପ୍ରିୟ ରାଷ୍ଟ୍ର ଭାବରେ ଭାରତ
ସାରା ବିଶ୍ୱେ ପରିଚିତ
ତ୍ରିରଙ୍ଗା ପତାକା ସଗର୍ବେ ଉଡଇ
ନାମ କରି ତା'ର ଖ୍ୟାତ ।

ତ୍ରିରଙ୍ଗା ଦେଇଛି ମୁକ୍ତିର ଆନନ୍ଦ
ଜାତୀୟ ସଂହତି ମନ୍ତ୍ର
ଟେକ ରଖିବାକୁ ତା ଗୌରବ ସଦା
ନେବାରେ ଆଜି ଶପଥ ।

+ଆଳି, କେନ୍ଦ୍ରାପଡା

### ଆସିଛି ଶୁଭ ବେଳ

**ଶରତ କୁମାର ଦାସ**

ପଚିଶ ଗଲା ଛବିଶ ହେଲା
ମାସ ତ ଜାନୁଆରୀ,
ପିଲାଏ ସବୁ ହେଲେ ଏକାଠି
ହାତେ ପତାକା ଧରି ।

ନାଚଗୀତର ଆସର ତଳେ
ହେଲେ ସଭିଏ ମେଳ,
ମନ ହରଷେ କହିଲେ ସବୁ
ଆସିଛି ଶୁଭ ବେଳ ।

ଟିଟୁ କହିଲା ଚନ୍ଦୁକୁ ଯାଇ
ବୁଝିଲୁ ଭାଇ ମୋ'ର,
ଗୋରାଙ୍କ ହାତୁ ମୁକତି ହେଲୁ
ମନେ ନାହିଁକି ତୋ'ର ?

ଲଢ଼ିଲେ କେତେ ଲଢୁଆ ପୁଅ
ରକତ କରି ଦାନ,
ସହିଲେ ଦୁଃଖ କଷଣ ଯେତେ
ରଖିଲେ ଦେଶ ମାନ ।

ଫିରିଙ୍ଗି ଗଲେ ଦେଶରୁ ଚାଲି
ସ୍ୱାଧୀନ ଆମେ ହେଲୁ,
ଆମ ନାଆରେ ନାଉରି ହୋଇ
ଶାସନ ଭାର ନେଲୁ ।

ଗଢ଼ିଲୁ କେତେ ନୀତିନିୟମ
ସମ୍ବିଧାନର ନାମେ,
ଏଇ ଦିନରେ ଦେଶ ଶାସନେ
ଲଗାଇଦେଲୁ କାମେ ।

କରିବା ଆମେ ଶପଥ ଆଜି
ଦେଶକୁ ନେବା ଆଗେ,
ସବୁରି ଓଠେ ଚେନାଏ ହସ
ଫୁଟାଇ ଦେବା ବାଗେ ।

ଚନ୍ଦୁ କହିଲା ବୁଝିଲି ଭାଇ
ସବୁ ତୋହର କଥା,
ଏଣିକି ଆମେ ଖରାପ ଛାଡ଼ି
ଭଲରେ ଦେବା ମଥା ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା- କେନ୍ଦୁଝର
ମୋ-୮୨୪୯୧୩୭୦୯୧



### ସ୍ୱରାଜ ଦିବସ ଆସିଛି ମିତ......

**ରାମଚନ୍ଦ୍ର ବେହେରା**

ସ୍ୱରାଜ ଦିବସ ଆସିଛି ମିତ
ଆକାଶେ ଉଡୁଛି ତ୍ରିରଂଗା ନେତ
ଏକାଠି ହୋଇଣ ସର୍ବେ
ତ୍ରିରଂଗାର ତଳେ ଜାତୀୟ ସଂଗୀତ
ଗାଉଛନ୍ତି ମିଳି ଗର୍ବେ।

ଆଜିଦିନ ଆମ ଶାସନ ନୀତି
ରଖିଥିଲା ବିଶ୍ୱେ ଅଭୁଲା କୀର୍ତ୍ତି
ଲାଗୁହେଲା ସମ୍ବିଧାନ
ଚାରି ସ୍ତମ୍ଭେ ଠିଆ ଶାସନ ବ୍ୟବସ୍ଥା
ପାଇଲା ବିଶ୍ୱେ ସମ୍ମାନ।

ପୂଜ୍ୟ ଭୀମରାଓ ଆମ୍ବେଦକର
ସମ୍ବିଧାନ ଲେଖି ହେଲେ ଅମର
ରଖିଗଲେ ଦେଶ ମାନ
ଧର୍ମ ନିରିପେକ୍ଷ ନୀତି ପାଇଁ ଦେଶ
ଜଗତେ ହେଲା ମହାନ।

ଆଜି ଏ ଦିନର ଶୁଭ ବେଳାରେ
ଦିଲ୍ଲୀ ନଗରୀର ରାଜ ପଥରେ
ବହୁ ଲୋକ ହେବେ ଠୁଳ
ନିଜ ରାଇଜର ଶ୍ରେଷ୍ଠ କଳାକୃତୀ
ଦେଖାଇବେ ହୋଇ ମେଳ।

ଆମ ସମ୍ବିଧାନ ନୀତି ନିୟମ
ପରାଣେ ମାନିବା ଦେଇ ସମ୍ମାନ
କରିବା ସର୍ବେ ବିନତୀ
ଆଇନ ଶୃଂଖଳା ପାଳିବା ହୃଦୟେ
ସେ ପରା ଆମ ସଂସ୍କୃତି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ରେହମାନ୍ ଓ ରୋହନ

**ରମେଶ ଚନ୍ଦ୍ର ଦାଶ**

ରେହମାନ୍ ଓ ରୋହନ ଦୁଇ ସାଙ୍ଗ। ସେମାନେ ଗୋଟିଏ ବିଦ୍ୟାଳୟ ଓ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ଦିନେ ରୋହନର ଜ୍ୱର ହେବାରୁ ସେ ବିଦ୍ୟାଳୟକୁ ଯାଇପାରିଲା ନାହିଁ । ରେହମାନ୍ ଏହା ଜାଣିପାରି ତାଙ୍କ ଘରକୁ ଗଲା । ବିଦ୍ୟାଳୟରେ ପଢ଼ା ଯାଇଥିବା ପାଠ ସଂପର୍କରେ କହିଲା । ରୋହନ ପାଠ ପଢ଼ିଲା । କିଛିଦିନ ପରେ ତାର ଦେହ ଭଲ ହୋଇଗଲା । ସେ ବିଦ୍ୟାଳୟକୁ ଗଲା। କିନ୍ତୁ ସେଦିନ ରେହମାନ୍ ବିଦ୍ୟାଳୟକୁ ଯାଇନଥିଲା । ସେ ଅନ୍ୟ ସାଙ୍ଗମାନଙ୍କଠାରୁ ବୁଝିଲା ଯେ ତାର ଜ୍ୱର ହୋଇଛି । ରୋହନ ଛୁଟି ହେବା ମାତ୍ରେ ତାଙ୍କ ଘରକୁ ଗଲା ।

ରୋହନକୁ ଦେଖି ରେହମନ୍‌ର ବାପା ରାଗିଗଲେ । ସେ କହିଲେ, "ତୋରି ପାଖକୁ ଯିବାରୁ ରେହମନ୍‌ର ରୋଗ ହୋଇଛି । ତେଣୁ ତୁ ତା'ପାଖକୁ ଆଉ ଆସେନା ।" ଏହା ଶୁଣି ରୋହନର ମନରେ ବହୁତ ଦୁଃଖ ହେଲା । ସେ ଘରକୁ ଫେରିଲା । ସେଦିନ ସେ ଘରେ ଠିକ୍ ଭାବରେ ଖାଇପାରିଲା ନାହିଁ । ତାର ବାପା ପୁଣି ରୋହନର ଦେହ ଖରାପ ହେବା ଭାବି ଡାକ୍ତରଖାନା ନେଲେ । ଡାକ୍ତର ସବୁ ପରୀକ୍ଷା କରିବା ପରେ ତା' ସଂପର୍କରେ ବିଭିନ୍ନ ପ୍ରଶ୍ନ କଲେ । ଏତିକିବେଳେ ରେହମନ୍‌ର ବାପା ରେହମନ୍‌କୁ ଧରି ଡାକ୍ତରଖାନାରେ ପହଂଚିଲେ । ତାର ବିଭିନ୍ନ ପରୀକ୍ଷା କରିବା ପରେ ଡାକ୍ତରବାବୁ ଜଣାଇଲେ ଯେ ତାକୁ ଟାଇଫଏଡ୍ ହୋଇଛି । ଏହାର କାରଣ ସ୍ୱରୂପ କହିଲେ ଯେ ଦୂଷିତ ଜଳ ପିଇବାରୁ ଏପରି ହୋଇଛି ।

ରୋହନ ପ୍ରତି ଥିବା ତା' ବାପାଙ୍କର ଧାରଣା ଦୂର ହୋଇଗଲା । କାରଣ ସେମାନେ ପୋଖରୀପାଣି ହିଁ ବ୍ୟବହାର କରନ୍ତି । ରୋହନ ରେହମନ୍‌କୁ ଦେଖିବା ପରେ ତାର ଖୁସି କହିଲେ ନସରେ । ଡାକ୍ତରବାବୁ ପୁଣି ବୁଝାଇଦେଲେ ଯେ ରୋହନର ଦେହଖରାପର କାରଣ ହେଉଛି ଏହି ରେହମନ୍ । ରେହମନ୍‌ର ଦେହଖରାପ ପାଇଁ ତାର ବାପା ରୋହନକୁ ଦାୟୀ କରିଥିବାରୁ ସେ ମାନସିକ ଆଘାତ ପାଇଥିଲା ।

ଡାକ୍ତରବାବୁଙ୍କ ପରାମର୍ଶ ଅନୁସାରେ ରେହମନ୍‌ର ବାପା ଆଉ ପୋଖରୀର ଦୂଷିତ ଜଳ ବ୍ୟବହାର ନକରି ଘରଠାରୁ ଅଳ୍ପ ଦୂରରେ ଥିବା



ନଳକୂପର ପାଣି ବ୍ୟବହାର କଲେ । କିଛିଦିନ ପରେ ଔଷଧ ଖାଇବାରୁ ରେହମନ୍‌ର ଦେହ ଭଲ ହୋଇଗଲା । ଦୁହେଁ ଏକାଠି ମିଶି ବିଦ୍ୟାଳୟକୁ ଖୁସିରେ ଗଲେ ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍- ୯୭୭୬୨୩୮୫୨୨

### ଭାରତ ମାତାର ଜୟ

**ପ୍ରଶାନ୍ତ କୁମାର ଦାଶ**

ଏକତା ଡୋରିରେ ବାନ୍ଧିହେଇ ଆମେ
ଗଢିବା ସୁନାର ଦେଶ
ଲିଭାଇବା ଲୁହ ଛାତିତଳ କୋହ
ହେବ ଭୋକ ଦୁଃଖ ଶେଷ ।

ମିଳି ମିଶି ହାତେ ଉଡାଇଦେବାରେ
ଜାତୀୟ ପତାକା ଆମ
ସ୍ୱଚ୍ଛ ଭାରତକୁ ଗଢିବା ହୋଇବ
ଆମ ସଭିଙ୍କର କାମ ।

ଗଢିଦେବା ଯନ୍ତ୍ର କଳକାରଖାନା
ବିଜ୍ଞାନର ହେବ ଜୟ
ଦେଶ ଦଶ ହିତ ପାଇଁ ରହିଥିବ
ଚଉଦିଗେ ଆମ ଲୟ ।

ଭାରତମାତାର ଯଶ ଗଉରବ
ଟେକପାଇଁ ଦେବା ଲହୁ
ତା କୋଳରେ ସେତ ସାଇତି ରଖିଛି
ମାଆପରି ଖାଦ୍ୟ ବହୁ ।

ଗଢ଼ିବା ଦେଶରେ ଶିକ୍ଷା ଅନୁଷ୍ଠାନ
ସଭିଏଁ ପଢ଼ିବେ ପାଠ
ହେବାପାଇଁ ବୀର ସୁ ପୁରୁଷ ଧୀର
ପାଇବେ ଜୀବନେ ବାଟ ।

ଜାତୀୟପତାକା ତଳେଥାଇ ନେବା
ଶପଥ ଆମେରେ ମିଳି
ଦେଶ ରାଇଜରୁ ତଡିବା ଅନ୍ଧାର
ସଳିତା ସମାନ ଜଳି ।

ସାହସ ଶକତି ଏ ଦେହରେ ଭରି
ତେଜିବା ମନରୁ ଭୟ
କହିବା ସଭିଏଁ ମାଟିଛାତି ପରେ
ଭାରତ ମାତାର ଜୟ ।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୭୮୮୨୨୧୯୦


## ଯୁବ ବ୍ୟବସାୟୀ ଜଗନ୍

**ସନ୍ତୋଷ କୁମାର ଅଦାବର**

ଗୋଟିଏ ସହରରେ ଜଣେ ବ୍ୟବସାୟୀ ରହୁଥିଲେ । ତାଙ୍କର ବ୍ୟବସାୟ ବହୁତ ଭଲ ଚାଲିଥିଲା। ତାଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଉପନୀତ ହେତୁ ଆଉ ବ୍ୟବସାୟକୁ ଦେଖା ଦେଖି କରି ପାରିଲେ ନାହିଁ । ଏଣୁ ସେ ତାଙ୍କର ଏକମାତ୍ର ପୁତ୍ର ଯୁବକ ଜଗନ୍‌କୁ ବ୍ୟବସାୟର ଦେଖାରଖା ପାଇଁ କହିଲେ । ବ୍ୟବସାୟ ଉପରେ ଜଗନର ଅଳ୍ପ ଅଳ୍ପ ଧାରଣା ଥିଲା । ତଥାପି ସେ ତା' ବାପାଙ୍କ କଥାରେ ରାଜି ହୋଇ ବ୍ୟବସାୟର ଦାୟିତ୍ୱ ନେଲା ।

ପ୍ରଥମ ମାସରେ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନକୁ ଆସୁଥିବା କଞ୍ଚାମାଲ ଆସିବାରେ ଅସୁବିଧା ଦେଖାଦେଲା । ଏଣୁ କିଛି କ୍ଷତି ଘଟିଲା । ଏଥିରେ ଜଗନ ଦୁଃଖ ପ୍ରକାଶ କଲା। ସେ ଭାବିଲା ବୋଧହୁଏ ସେ ବ୍ୟବସାୟ କ୍ଷେତ୍ରକୁ ନୂଆ ଆସିଛି । ତେଣୁ କିଛି କ୍ଷତି ଘଟିଛି। ଆଗକୁ ହୁଏତ ଏମିତି ହେବ ନାହିଁ ବୋଲି ସେ ଭାବିଲା ।

ପଞ୍ଚମ ମାସରେ ତା'ର ସେ ବ୍ୟବସାୟିକ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀଙ୍କୁ ସେ ପାରିଶ୍ରମିକ ଦେଇ ନ ପାରିବାରୁ ସେମାନେ କାମ ଛାଡ଼ି ଚାଲିଗଲେ। ପୁଣି ତା'ର ସେ ବ୍ୟବସାୟ କ୍ଷେତ୍ରରେ ଆଉ ଗୋଟିଏ ବାଧା ସୃଷ୍ଟି ହେଲା । ଆର୍ଥିକ ବୋଝକୁ ସୁଧାରିବାକୁ ଯାଇ ସେ ଅନ୍ୟ ଗୋଟିଏ ବ୍ୟବସାୟିକ ପ୍ରତିଷ୍ଠାନଠାରୁ କରଜ ଆଣିଲା । ପୁଣି କରଜ ଭଳି ଏକ ଅନ୍ତରାୟ ତା'ର ବ୍ୟବସାୟରେ ବାଧା ସୃଷ୍ଟିକଲା । ଏମିତି ଯେତିକି ବାଧା ଆସୁଥାଏ ଜଗନ ସେତିକି ଅଣ୍ଟାଭିଡ଼ି ତା'ର ମୁକାବିଲା କରୁଥାଏ । କିନ୍ତୁ ତା'ର ସେ ବ୍ୟବସାୟକୁ ବା ସେ ପ୍ରତିଷ୍ଠାନକୁ ବନ୍ଦ କରୁ ନ ଥାଏ । ଗୋଟିଏ ବାଧା ବା ପ୍ରତିବନ୍ଧକ ଛିଡ଼ା ହେଲେ ତାକୁ ଧୈର୍ଯ୍ୟର ସହିତ ସମ୍ମୁଖୀନ ହେବାକୁ ଯାଇ ସେ ନୂଆ ନୂଆ ଉପାୟ



ବାହାର କରୁଥାଏ । ବର୍ଷ ଶେଷରେ ଦେଖିଲା ତା'ର ବ୍ୟବସାୟିକ ପ୍ରତିଷ୍ଠାନର ଅନେକ ଲାଭ ହୋଇଛି । ପାରିଶ୍ରମିକ ନ ପାଇ କାମ ଛାଡ଼ି ଚାଲି ଯାଇଥିବା କର୍ମଚାରୀମାନେ ପୁଣି କାର୍ଯ୍ୟରେ ଯୋଗଦେଇ ସେଠାରେ କାମ କଲେ । ଏମିତି ପ୍ରଗତିରେ ତା'ର ସେ ବ୍ୟବସାୟିକ ପ୍ରତିଷ୍ଠାନ ଆଗେଇ ଚାଲିଥାଏ । ମଝି ମଝିର କିଛି ବାଧା ସୃଷ୍ଟି ହେଲେ ସେ ବାଧକଗୁଡ଼ିକୁ ଅବିଚଳିତ ହୋଇ ସମାଧାନ କରୁଥିଲା ।

ଦିନେ ଜଗନ ତା' ବାପା ପାଖରେ ବସିଥାଏ । ଜଗନର ବ୍ୟବସାୟିକ ଉତ୍ଥାନ ପତନକୁ ତା'ର ବାପା ଦେଖି ଆସୁଥାନ୍ତି। ସେ ଜଗନକୁ କହିଲେ- ଏବେ ତ ବହୁତ ବଢ଼ିଆ ଚାଲିଛି ବ୍ୟବସାୟ। ଜଗନ କହିଲା- ହଁ ବାପା ଠିକ୍ ଚାଲିଛି। ମଝି ମଝିରେ ବାଧା ବି ଆସୁଛି। ବାପା କହିଲେ- ବୁଝିଲୁ ଜଗନ, ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ହେଲେ ରାସ୍ତାରେ ଅନେକ କଣ୍ଟା ସୃଷ୍ଟିହୁଏ। କିନ୍ତୁ ଏ କଣ୍ଟାସବୁକୁ ଦେଖି ଆଦୌ ବିଚଳିତ ହେବା ନାହିଁ । କାରଣ ଏହି କଣ୍ଟାସବୁ ହିଁ ପ୍ରଗତିର ଗତିକୁ ଆହୁରି ଦ୍ରୁତତର କରି ଦେଇଥାଆନ୍ତି ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭

## ସାହସୀ ସୁବଳ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ସୁବଳ ସପ୍ତମ ଶ୍ରେଣୀର ଛାତ୍ର। କମଳ, ମିହିର ଏବଂ ନିହାର ଆଦି ତାର ସାଙ୍ଗସାଥି । ସେମାନେ ଏକାଠି ମିଶି ପାଠ ପଢ଼ନ୍ତି । ବୁଲାବୁଲି, ଖେଳକୁଦ ବି କରିଥା'ନ୍ତି ସାଙ୍ଗ ହୋଇ। ସୁବଳ ପାଠ ପଢ଼ାରେ ଯେମିତି ମେଧାବୀ ଖେଳକୁଦ, ନଈ ପହଁରିବାରେ ସେମିତି ପାରଙ୍ଗମ। ସେଥିପାଇଁ ବିଦ୍ୟାଳୟରେ ଶିକ୍ଷକ ମାନେ ଯେମିତି ତାର ପ୍ରଶଂସା କରନ୍ତି ସାଙ୍ଗମାନେ ମଧ୍ୟ ସେମିତି ତାକୁ ପସନ୍ଦ କରନ୍ତି। ତା' ସହ ମିଶିବାକୁ ସମସ୍ତଙ୍କର ଇଚ୍ଛା । ସେ ବି ସାଙ୍ଗ ମାନଙ୍କୁ ସାହାଯ୍ୟ କରିବା ପାଇଁ ସବୁବେଳେ ପ୍ରସ୍ତୁତ ରହୁଥାଏ।

ସବୁବର୍ଷ ଭଳି ସେଥର ତାଙ୍କ ସ୍କୁଲରେ ଶ୍ରୀପଞ୍ଚମୀ ଦିନ ସରସ୍ୱତୀଙ୍କ ପୂଜା ଆୟୋଜିତ ହୋଇଥିଲା । ପିଲାମାନେ ଭକ୍ତି ଓ ଆଡ଼ମ୍ବରରେ ଦେବୀ ବୀଣାପାଣିଙ୍କର ପୂଜାର୍ଚ୍ଚନା କଲେ। ପୂଜା ପରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ପୂଜା ପରଦିନ ଦେବୀ ବିସର୍ଜନ । ନଦୀ କୂଳରେ ବିସର୍ଜନ କରିବା ସମୟରେ ଗୋଟିଏ ଅଘଟଣ ଘଟିଥିଲା । ନଦୀ ଜଳରେ ଦେବୀଙ୍କ ମୂର୍ତ୍ତି ଭସାଇବାକୁ ଯାଇ ମିହିର ଏବଂ ନିହାର ଗଭୀର ଜଳକୁ ଚାଲିଗଲେ । ତାଙ୍କୁ ବୁଡ଼ି ଯାଉଥିବା ଦେଖି ସୁବଳ ଲୋକ ମାନଙ୍କୁ ଡାକ ପକାଇଲା । ଲୋକମାନେ ଆସି ପହଁଞ୍ଚିବା ପୂର୍ବରୁ ସେ ପହଁରି ଯାଇ ମିହିର ଏବଂ ନିହାରଙ୍କୁ କୂଳକୁ ଟାଣି ଆଣିଥିଲା। ଲୋକମାନେ ସେ ଦୁହିଁଙ୍କ ପ୍ରାଥମିକ ଚିକିତ୍ସା କରି ଡାକ୍ତରଖାନା ନେଇଗଲେ । ସୁବଳର ସାହସିକତା ପାଇଁ ତା' ଦୁଇଜଣ ସାଙ୍ଗଙ୍କ ଜୀବନ ରକ୍ଷା ହୋଇଗଲା।

ଏକଥା ଚାରିଆଡ ପ୍ରଚାରିତ ହୋଇଗଲା । ତା' ପରଦିନ ସବୁ ସମ୍ବାଦପତ୍ର ମାନଙ୍କରେ ସୁବଳର ସାହସିକତା ଖବର ପ୍ରକାଶିତ ହୋଇଥିଲା । ସବୁ ଲୋକମାନେ ସୁବଳକୁ ପ୍ରଶଂସା କଲେ। ଗଣତନ୍ତ୍ର ଦିବସରେ ପୁରସ୍କାର ପାଇଁ ତା' ନାମକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଲେ । ପୁରସ୍କାର ପାଇଁ କେନ୍ଦ୍ର ସରକାର ତା' ନାମ ଘୋଷଣା କରିବାରୁ ସୁବଳକୁ ଦିଲ୍ଲୀ ଯିବା ପାଇଁ ଡାକରା ଆସିଲା। ସୁବଳ ତା' ବାପା ମା'ଙ୍କ ସହିତ ଦିଲ୍ଲୀ ଗଲା । ତା' ଭଳି ପୁରସ୍କୃତ ହେବାକୁ ଦେଶର ଅନ୍ୟ ରାଜ୍ୟମାନଙ୍କରୁ ଆସିଥିବା ପିଲାମାନଙ୍କ ସହ ମିଶିଲା । ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସାହସିକତା ପାଇଁ ପୁରସ୍କାର ଗ୍ରହଣ କଲା ।

ସବୁବର୍ଷ ଜାନୁଆରୀ ଛବିଶ ତାରିଖରେ ହେଉଥିବା



ପ୍ୟାରେଡ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସାହସୀ ପିଲାମାନେ ଭାଗ ନିଅନ୍ତି । ଆଗରୁ ସେପରି ପିଲା ମାନଙ୍କୁ ହାତୀ ପିଠିରେ ବସାଇ ରାଜପଥରେ ହେଉଥିବା ପ୍ୟାରେଡରେ ସାମିଲ କରାଯାଉଥିଲା । ଏବେ ରାଜପଥର ନାମ ବଦଳାଇ କର୍ତ୍ତବ୍ୟ ପଥ କରାଯାଇଛି । ସେହି କର୍ତ୍ତବ୍ୟ ପଥରେ ହେବାକୁଥିବା ପ୍ୟାରେଡରେ ସୁବଳ ଯୋଗଦେଇ ସୁସଜ୍ଜିତ ଗାଡ଼ିରେ ବସିବ । ଗଣତନ୍ତ୍ର ଦିବସ ସମାରୋହରେ ତା' ସହ ତା' ଭଳି ସାହସୀ ପିଲାଙ୍କୁ ଦେଖି କର୍ତ୍ତବ୍ୟ ପଥରେ ହଜାର ହଜାର ଲୋକ ତାଳିମାରି ସ୍ୱାଗତ କରିବେ । ତାଙ୍କୁ ଦେଖି ଅନ୍ୟମାନେ ତାଙ୍କ ପରି ସାହସୀ ଏବଂ ପରୋପକାରୀ ହେବାକୁ ଉତ୍ସାହିତ ହେବେ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଝାରସୁଗୁଡ଼ା ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡ଼ା, ୨୪/୧ (ନି.ପ୍ର): ଝାରସୁଗୁଡ଼ା, ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନରେ ଯୋଗଦେବା ଅବସରରେ ଝାରସୁଗୁଡ଼ାକୁ ଆହୁରି ସୁସମୃଦ୍ଧ କରିବା ଦିଗରେ ସହଯୋଗୀର ଦାୟିତ୍ୱ ନେବାକୁ ସାମ୍ବାଦିକମାନଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜଗତରେ ଝାରସୁଗୁଡ଼ା ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଝାରସୁଗୁଡ଼ାର ବିକାଶ କ୍ରମାଗତ ଭାବରେ ବୃଦ୍ଧି ହେଉଛି । ଝାରସୁଗୁଡ଼ା ଜିଲ୍ଲା ବହୁତ କମ ଅବଧିରେ ବିକଶିତ ହୋଇ ବିଶ୍ୱ ମାନଚିତ୍ରକୁ ଆସିଛି । ପୂଜ୍ୟ ବାପୁ ଝାରସୁଗୁଡ଼ା ଦେଇ ଓଡ଼ିଶାକୁ




ଆଗମନ କରିଥିଲେ । ଅଗ୍ରଣୀ ଶିଳ୍ପାଞ୍ଚଳ ଭାବରେ ଝାରସୁଗୁଡ଼ାର ପରିଚୟ ରହିଛି । ଝାରସୁଗୁଡ଼ାର ସମ୍ଭାବନାକୁ ଉପଯୋଗ କରିବା ପାଇଁ ଜିଲ୍ଲାକୁ ଆହୁରି ଅନ୍ୱେଷଣ କରିବା ଦରକାର । ବହୁ ସଂସ୍କୃତି ଓ ଭାଷାଭାଷୀର ଲୋକମାନେ ବସବାସ କରୁଥିବାର ଜିଲ୍ଲା ଝାରସୁଗୁଡ଼ାରେ ବିମାନସେବା ସହ ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର କାମ କରୁଛି । ଏଠାରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ହେଉଛି । ହୀରାକୁଦ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାକୁ ପର୍ଯ୍ୟଟନର ପେଣ୍ଠସ୍ଥଳୀ କରିବା ଆମର ଲକ୍ଷ୍ୟ ରହିଛି ।

ସେ କହିଛନ୍ତି ପ୍ରଜାତନ୍ତ୍ରରେ ସମାଜକୁ ଠିକ୍ ଭାବେ ଚଳାଇବା ପାଇଁ ସାମ୍ବାଦିକମାନଙ୍କ ଦାୟିତ୍ୱ ଅଧିକ । ଶିଳ୍ପସମୃଦ୍ଧ ଏହି ଝାରସୁଗୁଡ଼ା ଜିଲ୍ଲାକୁ ଆହୁରି ବିକଶିତ କରିବା ପାଇଁ ଜିଲ୍ଲାସ୍ତରର ସାମ୍ବାଦିକ ବନ୍ଧୁମାନଙ୍କ ବଡ ଦାୟିତ୍ୱ ରହିଛି । ଝାରସୁଗୁଡ଼ାରେ ଉଦ୍ୟୋଗ, ପର୍ଯ୍ୟଟନ ଓ କୃଷି ଆଧାରିତ ଅର୍ଥନୀତିକୁ ମଜଭୂତ୍ କରିବା ପାଇଁ ସାମ୍ବାଦିକମାନେ ସହଯୋଗୀ ହେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ତୃତୀୟ ବିମଲେଇ ମହୋତ୍ସବ ଉଦ୍‌ଘାଟିତ

ବଲାଙ୍ଗିର , ୨୪/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ମିନି ଷ୍ଟାଡିୟମ ଠାରେ ତୃତୀୟ ବିମଲେଇ ମହୋତ୍ସବ ଉଦଘାଟିତ ହୋଇଯାଇଛି । ମହୋତ୍ସବ ର ସଭାପତି ଭରତଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ପୁଇଁତଲା ବ୍ଲକ ଚେୟାରମ୍ୟାନ ସରୋଜ ପ୍ରଧାନ ଯୋଗଦେଇ ନିଜ ବକ୍ତବ୍ୟ ରେ ଆମ ଲୋକକଳା ଆମ ଗୌରବ ଓ ପ୍ରତ୍ୟେକ ଜାତିକୁ ତାର ଲୋକକଳା ଗୌରବାନ୍ୱିତ କରିଥାଏ ଏବଂ ସଂସ୍କୃତିର ପରିଭାଷାକୁ ଦ୍ୱିଗୁଣିତ କରିଥାଏ ବୋଲି କହିବା ସହ ଏକତା ବଜାୟ ରହିଲେ ସଫଳତା ମିଳେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜକିଶୋର ପଣ୍ଡା ଯୋଗଦେଇ ମହୋତ୍ସବର ଆୟୋଜକ ମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସ୍ଥାନୀୟ କଳାକାର ମାନଙ୍କ ପାଇଁ ଏ ମହୋତ୍ସବ ନିଜର କଳାକୁ ଦେଖେଇବାର ପ୍ରକୃଷ୍ଟ ମଂଚ ବୋଲି କହିବା ସହ ସ୍ଥାନୀୟ ଅଂଚଳର ଶିକ୍ଷାର ବିକାଶ ଦିଗରେ ବିଲେଇସର୍ଡାର ବରପୁତ୍ର ରାଧାଶ୍ୟାମ ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ବିଲେଇସର୍ଡା ସରପଂଚ ସୁଶାନ୍ତ ଛତ୍ରିଆ ନିଜ ବକ୍ତବ୍ୟ ରେ ଲୋକକଳା ଲୋକ ସଂସ୍କୃତିର ଜୀବନ୍ତ ବାର୍ତ୍ତାବହ ଓ ଏହାର ଭୂମୀକା ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜବାହାର ଲାଲ ସରକାରୀ ଉଚ୍ଚବିଦ୍ୟାଳୟ ର ଛାତ୍ରୀ ଆଦ୍ୟାଶା, ଲିପ୍ସା, ମୌସୁମୀ, ସୁନେନା, ସେବତୀ, ଆଦ୍ୟାସାଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଓ ସନ୍ଥ ଦିବ୍ୟଜୀବନ ଗୁରୁକୁଳର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା । ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମ ର ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ କିଶୋର ବିଶ୍ୱାଳ । ସଭାପରେ କଂସ ଦରବାର ବସିଥିଲା ।

ଗୋପାଳ ଦାସ କଂସ ଭୂମୀକାରେ ଅଭିନୟ କରିଥିଲେ । କଂସ ଦରବାର ରେ ଜ୍ୟୋତିଧାରା କଳା ପରିଷଦ ବେଲବାହାଲିର ର କୁନି କଳାକାର ମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ,ରାଜନନ୍ଦିନୀ ପଟ୍ଟନାୟକଙ୍କ ଏକକ ନୃତ୍ୟ, ଓମ୍ ବାଗ ଓ ତୃପ୍ତୀ ପ୍ରଧାନଙ୍କ ଦଳଗତ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ କଳାକାର ନିଜର କଳା ପ୍ରଦର୍ଶନ କରିବେ ବୋଲି ବିମଲେଇ ମହୋତ୍ସବ ଆୟୋଜନ କମିଟୀ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

# ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରଏନ ଆରଟିଏସ କୃତିତ୍ୱ

କନ୍ଧମାଳ , ୨୪/୧ (ନି.ପ୍ର): ଚଳିତ ଶିକ୍ଷାବର୍ଷ ୨୦୨୪–୨୫ ସରକାରୀ ବୃତ୍ତି ୯ମ ଶ୍ରେଣୀର ଫଳାଫଳ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଛି । ଉକ୍ତ ପରୀକ୍ଷାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର ନବମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ସାତ ଜଣ ବୃତ୍ତି ପାଇ ସମଗ୍ର ଜିଲ୍ଲାରେ ହଇଚଇ ସୃଷ୍ଟି କରିଛନ୍ତି କ୍ଷ ସେମାନେ ହେଲେ ଅଭିଷେକ ମହାପାତ୍ର, ପ୍ରତ୍ୟାଶା ପ୍ରିୟଦର୍ଶିନୀ ସାହୁ, ଶକ୍ତିମାନ ବେହେରା, ସ୍ମୃତି ଆଞ୍ଚଲ ଦିଗାଲ, ସୋମ୍ୟା ପ୍ରିୟ ଦର୍ଶନି ମୁଖୀ, ନନ୍ଦିତା ମଲ୍ଲିକ, ନମ୍ରତା ପ୍ରଧାନ ପ୍ରମୁଖ କୃତିତ୍ୱ ହାସଲ କରି ଅନୁଷ୍ଠାନକୁ ଗୌରବାନିତ୍ୱ କରିଛନ୍ତି । । ଉକ୍ତ କୃତି ଛାତ୍ରଛାତ୍ରୀ ମାନଙ୍କ ପଶ୍ଚାଦ ପଟରେ ଥିବା ଶୁଭେଚ୍ଛୁ, ଆଚାର୍ଯ୍ୟ, ଆଚାର୍ଯ୍ୟା, ଅଭିଭାବକ, ଅଭିଭାବିକା ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀଙ୍କୁ ପରିଚାଳନା ସମିତି ସହିତ ଉକ୍ତ ଛାତଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି । ପ୍ରକାଶ ଥାଉ କି ଏହି ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ବାଟିକା ଠାରୁ ଆରମ୍ଭ କରି ବିଦ୍ୟା ମନ୍ଦିର ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟଯକ୍ରମ ଶିକ୍ଷା ସହିତ ଶାରୀରିକ, ନୈତିକ, ବୌଦ୍ଧିକ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥାଏ । ତେଣୁ ପ୍ରତି ବର୍ଷ ଏହି ଅନୁଷ୍ଠାନ ସମଗ୍ର ଜିଲ୍ଲାରେ ବୃତ୍ତି ପାଇବା ସହିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଲାଭ କରିବା ସହ ଅଧିକ ଏ(୧) ନମ୍ବର ରଖି କୃତକାର୍ଯ୍ୟ ହେଉଛନ୍ତି ବୋଲି ମତ ପ୍ରକାଶ ପାଉଛି ।

# ସେଲ୍‌ର କୋକ୍ ଓଭନ୍ ବ୍ୟାଟେରୀ-୭ ପ୍ରକଳ୍ପରେ ପ୍ରଥମ ପାଇଲ୍‌ର ଭୂମିପୂଜନ ସମାରୋହ ଅନୁଷ୍ଠିତ

ରାଉରକେଲା, ୨୪/୧ (ନି.ପ୍ର): ମହାରତ୍ନ ଇସ୍ପାତ କମ୍ପାନୀ ସେଲ୍‌ର ଅନ୍ୟତମ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଏହାର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ପଦକ୍ଷେପ ଅନ୍ତର୍ଗତ କୋକ୍ ଓଭନ୍ ବ୍ୟାଟେରୀ - ୭ ପ୍ରକଳ୍ପର ଭୂମିପୂଜନ ସମାରୋହ ସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଜାନୁଆରୀ ୨୨ ତାରିଖରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୃତ୍ତିକା ପରୀକ୍ଷା ଆରମ୍ଭ ଏବଂ ପ୍ରଥମ ପାଇଲ୍‌ର ଗ୍ରାଉଣ୍ଡ ବ୍ରେକିଙ୍ଗ ଉପଲକ୍ଷେ ଏକ ଭୂମିପୂଜନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ଯାହା ଏହି ମର୍ଯ୍ୟାଦାଜନକ ପ୍ରକଳ୍ପକୁ ପ୍ରାରମ୍ଭ କରିଥିଲା । ଏହି ଉତ୍ସବରେ ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଅନିଶ ଜମାୟାର ଏବଂ ଡେପୁଟି କମାଣ୍ଡାଣ୍ଟ ସିଆଇଏସଏଫ ଶ୍ରୀ କେ.କେ. ପାଠକଙ୍କ ସହିତ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏଲ ଆଣ୍ଡ ଟି ଲିମିଟେଡର ପ୍ରକଳ୍ପ ପରିଚାଳକ ଶ୍ରୀ ଏସ. ଗୋକୁଲନ ଏବଂ ସମଗ୍ର ସାଇଟ୍



ଟିମ୍ ମଧ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି, ଶ୍ରୀ ସୁଦୀପ ପାଲ ଚୌଧୁରୀ, ଜିଏମ୍ (ପ୍ରୋଜେକ୍ଟ) ଶ୍ରୀ କେ.କେ. ପାତ୍ରଙ୍କ ନେତୃତ୍ୱରେ ପ୍ରକଳ୍ପ ଦଳକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପାଇଲିଂ କାର୍ଯ୍ୟକଳାପ ପାଇଁ ଭୂମି ପ୍ରସ୍ତୁତ କରିବାରେ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ ପ୍ରଶଂସା କରିଥିଲେ । ସେ ଦଳର ଉତ୍ସର୍ଗତାକୁ ପ୍ରଶଂସା କରିଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମୟରେ ସୁରକ୍ଷା ପ୍ରୋଟୋକଲର ଅନୁପାଳନ ଏବଂ ସର୍ବୋଚ୍ଚ ଗୁଣବତ୍ତା ମାନଦଣ୍ଡ ବଜାୟ ରଖିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟ ଯେ, ଆରଏସପି ବାର୍ଷିକ ୦.୭୭ ନିୟୁତ ଟନ ଷ୍ଟାମ୍ପ ଚାର୍ଜଡ୍ କୋକ୍ ଓଭେନ୍ ବ୍ୟାଟେରୀ -୭ ପ୍ରକଳ୍ପକୁ ଇପିସି (ଇଞ୍ଜିନିୟରିଂ, ପ୍ରୋକ୍ୟୁରମେଣ୍ଟ ଏବଂ ନିର୍ମାଣ ଆଧାରରେ ମେସର୍ସ ଏଲ୍ ଆଣ୍ଡ୍ ଟି ଲିମିଟେଡ୍, ଭାରତ ଏବଂ ମେସର୍ସ ଥାଇସେନକ୍ରୁପ୍ ଉହଡେ, ଜର୍ମାନୀର ଏକ ସଂଘକୁ ପ୍ରଦାନ କରିଛି । ସେଲ ମଧ୍ୟରେ ପ୍ରଥମ ଅନୁରୂପ ପ୍ରକଳ୍ପ ଭାବରେ ଏଥିରେ ଜର୍ମାନୀର ଥାଇସେନକ୍ରୁପ୍ ରୁ ଅତ୍ୟାଧୁନିକ ଷ୍ଟାମ୍ପ ଚାର୍ଜିଂ ପ୍ରଯୁକ୍ତିବିଦ୍ୟାକୁ ସାମିଲ କରାଯାଇଛି । କୋକ୍ ଓଭେନ୍ ବ୍ୟାଟେରୀ-୭ ପ୍ରକଳ୍ପ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବା ସହିତ ଆରଏସପିର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ନୀଳଗିରି କଲେଜର ପୁରାତନ ଛାତ୍ର ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି , ୨୪/୧ (ନି.ପ୍ର): ନୀଳଗିରି କଲେଜର ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁବାର ୨୩ତାରିଖ ନୀଳଗିରି କଲେଜ ପରିସରରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରସଂସଦର ସଭାପତି ଡକ୍ଟର ଶରତ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନୀଳଗିରି ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଉତ୍ସବ ଅତୀତର ଅନେକ ଅଭୁଲା ସ୍ମୃତିକୁ ଉଜ୍ଜୀବିତ କରିଥାଏ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଇଂରାଜୀ ମିଡିୟମ ସ୍କୁଲର ଅଧ୍ୟକ୍ଷ ସତ୍ୟଜିତ ମିଶ୍ର ମଞ୍ଚାସିନରହି ପୁରାତନ ଛାତ୍ରମାନଙ୍କର ଏଭଳି ଭାଇଚାରା ସହିତ ଶିକ୍ଷାନୁଷ୍ଠାନ ଓ ଗୁରୁ ମାନଙ୍କ ପ୍ରତି ଅନୁରକ୍ତି ଓ ଭକ୍ତି ଆଗାମୀ ପୀଢ଼ି ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରି କଲେଜର ପୂର୍ବତନ ଅଧ୍ୟକ୍ଷ କହ୍ନେଇ ଚରଣ ସ୍ୱାଇଁ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀ ମାନେ




ସମୟସୁଅରେ ଯେଉଁ ସ୍ଥାନରେ ଓ ଯେତେବଡ ପଦବୀରେ ରହିଥିଲେ ମଧ ପୂର୍ବସ୍ମୃତିକୁ ମନେପକାଇ ଏକତାର ସୂତ୍ରରେ ବାନ୍ଧିହୋଇ ଏକାଠି ହେବାର ଦୁର୍ଲଭ ମୁହୂର୍ତ୍ତ ଏଭଳି ଉତ୍ସବ ହୋଇଥାଏ ବୋଲି ନିଜର ବକ୍ତବ୍ୟ ରଖିଥିଲେ । ଅନୁରୂପଭାବେ କାର୍ଯ୍ୟକାରୀ ସଭାପତି ସୁରଞ୍ଜନ ମହାପାତ୍ର, ଉପସଭାପତି ଯୋଗେନ୍ଦ୍ର ବେହେରା, ସମ୍ପାଦକ ସତ୍ୟଜିତ ମିଶ୍ର, ଯୁଗ୍ମ ସମ୍ପାଦକ ରବିରଞ୍ଜନ ରାଉତ ଓ ସୁଶାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଂଯୋଜକ ସମରଶଙ୍କର କାନୁନଗୋ, ମଞ୍ଚାସିନ ରହିଥିବା ବେଳେ ଡଃ ଅମରେନ୍ଦ୍ର ମହାପାତ୍ର ଓ ସହ ସମ୍ପାଦକ ସତ୍ୟନାରାୟଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସର୍ବଶ୍ରୀ ଦେବେନ୍ଦ୍ର ପଣ୍ଡା, ଚନ୍ଦ୍ରବିନ୍ଦୁ ଦାସ, ସୂର୍ଯ୍ୟନାରାୟଣ ଆଇଚ, ମଦନ ନାଥ, ହରମୋହନ ମହାପାତ୍ର, ଗୋପୀବଲ୍ଲଭ ବେହେରା, ତନ୍ମୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ନୀଳଗିରି କଲେଜର ଅଧ୍ୟକ୍ଷ ବିରେଶ୍ କୁମାର ପଣ୍ଡାଙ୍କ ସମେତ ପୂର୍ବତନ ଇଂରାଜୀ ଅଧାପକ ଶଚିନ୍ଦ୍ର କର, ପୂର୍ବତନ ରାଜନୀତି ବିଜ୍ଞାନ ଅଧାପକ ଉମାକାନ୍ତ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିବା ବେଳେ କଲେଜର ଚତୁର୍ଥଶ୍ରେଣୀ କର୍ମଚାରୀ ନରେନ୍ଦ୍ର ମହାଳିକ ଓ ଅଣଶିକ୍ଷାକର୍ମଚାରୀ ଜ୍ୟୋସ୍ନାରାଣୀ ରାଉତଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଅର୍ଥନୀତି ବିଭାଗର ପୂର୍ବତନ ଅଧାପକ ସ୍ୱର୍ଗତ ଭାସ୍କର ଚନ୍ଦ୍ର ନାୟକଙ୍କ ସ୍ମୃତିରେ ଉପସ୍ଥିତ ଅତିଥି, ଅଧାପକ/ଅଧାପିକା, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୪/୧ (ନି.ପ୍ର): ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଗମ୍ପାକୋଣ୍ଡା ପଂଚାୟତ ଅନ୍ତର୍ଗତ ତୁମୁକିମାଡକା ଗାଁ ନିକଟ ଜଙ୍ଗଲରୁ ଯୁବକ ଯୁବତୀ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଜଙ୍ଗଲ ଭିତରେ ଏକ ଗଛରେ ଯୁବକଯୁବତୀଙ୍କ ମୃତଦେହ ଝୁଲି ରହିଛି । ଘଟଣାଟି ୩ ରୁ ୪ ଦିନ ହୋଇଥିବା ଅନୁମାନ କରାଯାଉଛି । ମୃତ ଯୁବକ ଯୁବତୀଙ୍କ ଘର ତୁମୁକିମାଡକା ଗ୍ରାମର ବୁଲି ଜଣାପଡିଛି । ମୃତ ଯୁବକ ମାଲା ପଡିଆମିଙ୍କ ପୁଅ ପଦିଆ ପଡିଆମି (୨୦) ହୋଇଥବାବେଳେ ଯୁବତୀ ଜଣଙ୍କ ପଦିଆ ମାଡକାମିଙ୍କ ଝିଅ ବିତିକା ମାଡକାମି (୧୮) ବୋଲି ଜଣାପଡିଛି । ଏନେଇ ଯୁବତୀଙ୍କ ବାପା ପଦିଆ ମାଡକାମି କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖବର ପାଇ କାଲିମେଲା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ପାଇଁ କୋରାପୁଟରୁ ସାଇଂଟିଫିକ ଟିମ ଡାକି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ମୃତ ଯୁବତୀଯୁବକ ଗୋଟିଏ ଗ୍ରାମର ହୋଇଥବାବେଳେ ସେମାନେ ଗତ ଶନିବାର ମକର ମେଳା ଦେଖିବାକୁ ଭେଜାଙ୍ଗୀୱାର୍ଡା ଗ୍ରାମକୁ ବାହାରିଥିବା ବେଳେ ସେହିଦିନଠାରୁ ନିଖୋଜ ଥିଲେ । ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ମଧ ସେମାଙ୍କ କୌଣସି ସନ୍ଧାନ ମିଳି ନ ଥିଲା ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଯାପିତ: ରକ୍ତଦାନ ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ , ୨୪/୧ (ନି.ପ୍ର): ଜିଲ୍ଲାସ୍ତରୀୟ ଦୁଇ ଦିନିଆ ଜୁନିୟର ରେଡ଼କ୍ରସ ଶିକ୍ଷା ତଥା ତାଲିମ ଶିବିର ୨୦୨୪-୨୫ ଆନୁଷ୍ଠାନିକ ଭାବେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚୁନଟି, ଚରମ୍ପାରେ ଉଦ୍‌ଯାପିତ ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ତଥା ଜୁନିୟର ରେଡ଼କ୍ରସର ଅଧ୍ୟକ୍ଷ ଅଙ୍କୁର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଡା. ଜଗବନ୍ଧୁ ସାହୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକ ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜଗବନ୍ଧୁ ସାହୁ ବାସୁଦେବପୁର ତଥା ଧାମନଗର ବ୍ଲକ ଶିକ୍ଷାଧିକାରୀ, ଚକ୍ରଧର ମଲ୍ଲିକ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ, ଅଧିର କୁମାର ତରାଇ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀ, ରାଜେନ୍ଦ୍ର ପ୍ରସାଦ ନାୟକ ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ, ରତ୍ନାକର ସାମଲ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସରପଞ୍ଚ, ସାଇଲକ୍ଷ୍ମୀ ନାୟକ ଚୁନଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗଦାନ କରି



ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାଧନକର୍ମୀ ଉମାକାନ୍ତ ବେହେରା, ସୋମନାଥ ନାୟକ, ଭାଗବତ ସୂତାର, ହେମନ୍ତ ସୂତାର, ଶେଖ ଦୟାନ୍, ଲିଜା ଦାସ, ତରଣୀ ସେନ ଜେନା, ସୁଶାନ୍ତ ବିଶ୍ୱାଳ, ଧର୍ମେନ୍ଦ୍ର ବେହେରା, ଶାନ୍ତିଲତା ପଣ୍ଡା, ଅଜୟ ମହାରଣା, ଉପସ୍ଥିତ ରହି ରେଡ଼କ୍ରସ ଓ ଜୁନିୟର ରେଡ଼କ୍ରସର ଇତିହାସ ପ୍ରାଥମିକ ଉପଚାର, ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଯୋଗ ଇତ୍ୟାଦି ବିଷୟରେ ତାଲିମ ଦେବା ସହିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିଥିଲେ । ବିଭିନ୍ନ ବିଭାଗରେ କୃତି ଜୁନିୟରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲ୍ଲା ସ୍ତରରୁ ୯ଟି ବିଭାଗରେ ଶ୍ରେଷ୍ଠସ୍ଥାନ ହାସଲ କରିଥିବା ୧୭ ଜଣ ଜୁନିୟର ଓ ଦୁଇଜଣ ପରାମର୍ଶଦାତା ଆସନ୍ତା ଫେବୃୟାରୀ ୩ରୁ ୭ ମଧ୍ୟରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଶିକ୍ଷା ତଥା ତାଲିମ ଶିବିରରେ ଯୋଗଦାନ କରିବେ । ଏହି ଶିବିରରେ ଜିଲ୍ଲାର ୧୪୬ ଟି ବିଦ୍ୟାଳୟରୁ ୫୦୭ ଜଣ ଜୁନିୟର ଓ ୧୪୬ ଜଣ ପରାମର୍ଶଦାତା ଯୋଗଦାନ କରିଥିଲେ । ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର ଆୟୋଜିତ ହୋଇ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସାଧନ କର୍ମୀ ଉମେଶ ଚନ୍ଦ୍ର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଧନକର୍ମୀ ଦିପ୍ତୀମୟୀ ସାହୁ, ମହେଶ୍ୱର ରାଉତ, ବିଜୟ ସୂତାର, ସମରେନ୍ଦ୍ର ନାଥ ମିଶ୍ର, ଅନିଲ୍ ମିଶ୍ର, ଶ୍ରଦ୍ଧାଞ୍ଜଳି କର, ମାନସ ମିଶ୍ର, ଶ୍ରୀକାନ୍ତ ପଣ୍ଡା, ରଞ୍ଜନ ବେହେରା, ପ୍ରଭୁଦତ୍ତ ପଣ୍ଡା, ମନିନ୍ଦ୍ର ନାୟକ, ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜୁନିୟର ରେଡ଼କ୍ରସ ଯୁଗ୍ମ ସଂପାଦକ ଭୀମ ଚରଣ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

# ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ନେଇ ଅଭିଯୋଗ

ଜୟପୁର, ୨୨/୧ (ନି.ପ୍ର): ମହିଳାଙ୍କୁ ଶାରିରିକ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଜୟପୁର ପ୍ରସାଦ ରାଓ ପେଟାରଟି ମନିସା ନିଲମ ଗତ ୨୦୧୮ ମସିହା ମାଚ ରେ ଆନ୍ଧ୍ର ପ୍ରଦେଶରପ ଶ୍ରୀକାକୁଲମ ଅଂଚଳର ଏନ ଶିବା ପ୍ରସାଦକୁ ବିବାହ କରିଥିଲେ । ଏମାନଙ୍କର ୨ଟି ସନ୍ତାନ ରହିଛି । ୧ବର୍ଷ ଠିକ ଠାକରେ ଚାଲିଥିବା ବେଳେ ୨୦୧୯ ରୁ ସ୍ୱାମୀ ଓ ପରିବାର ଲେକେ ମିଶି ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ମହିଳା ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ସ୍ୱାମୀ ଓ ପରିବାର ଲୋକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୂଚନା ଦେଇଛନ୍ତି ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱରର ନୂତନ କର୍ମକର୍ତ୍ତା ଚୟନ

ବାଲେଶ୍ୱର, ୨୪/୧ (ନି.ପ୍ର): ଅବସରପ୍ରାପ୍ତ ରେଳକର୍ମଚାରୀ ସଂଘ, ବାଲେଶ୍ୱରର ଅଦ୍ୟ ଏକ ସାଧାରଣ ସଭା ପ୍ରତିଷ୍ଠାତା ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ନିର୍ଦ୍ଦେଶରେ ସମ୍ପାଦକ ରାମଚନ୍ଦ୍ର ଦାସ ବିଗତ ବୈଠକର ବିବରଣୀ ପାଠ କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଆର୍ଥିକ ବର୍ଷଠାରୁ ସଂଘର କାର୍ଯ୍ୟ ପରିଚାଳନା ନିମନ୍ତେ ଏକ କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା । ଯାହା ଉପସ୍ଥିତ ସଦସ୍ୟ/ସଦସ୍ୟାମାନଙ୍କ ମଧ୍ୟରୁ ନାମ ପ୍ରସ୍ତାବ ସହ ଅନୁମୋଦନ କରାଯାଇ ନୂତନ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟାରେ ବରିଷ୍ଠ ଉପଦେଷ୍ଟା ଶ୍ରୀଯୁକ୍ତ ଗିରିଧାରୀ ବିନ୍ଧାଣୀ ପର୍ଯ୍ୟବେକ୍ଷକ ଭାବେ ସର୍ବସମ୍ମତିକ୍ରମେ ମନୋନୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଘର ନୂତନ ସଭାପତି ଭାବେ ଶ୍ରୀଯୁକ୍ତ ଚତୁର୍ଭୂଜ ଜେନାଙ୍କ ନାମ ପ୍ରସ୍ତାବ ସହ ଅନୁମୋଦନ କରାଯାଇଥିଲା । ଉପସଭାପତି ଶ୍ରୀ ସତ୍ୟରଞ୍ଜନ ରାଉତ ତଥା ଅନ୍ୟ ଉପସଭାପତି ଅନୀଲ୍ କୁମାର ବେହେରାଙ୍କ ନାମ ସମର୍ଥନ କରାଯାଇଥିଲା । ସମ୍ପାଦକ ଭାବେ ରାମଚନ୍ଦ୍ର ଦାସ ଓ ସହସମ୍ପାଦକ ପଦ୍ମନାଭ ସାମଲ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ତ୍ରିପାଠୀ ତଥା ସଂଗଠନ ସମ୍ପାଦକ ଗଗନ ଚନ୍ଦ୍ର ଦଳାଇଙ୍କୁ ପ୍ରସ୍ତାବ ସହ ସମର୍ଥନ କରାଯାଇଥିଲା । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁକୁମାର ବେହେରା, ଅକ୍ଷୟ କୁମାର ପଣ୍ଡା, ହରେକୃଷ୍ଣ ବେହେରା, ଗୋପାଳ ଚନ୍ଦ୍ର ପାତ୍ର, ଅଶୋକ କୁମାର ମାହାତୋ, ବିଜୟ କୁମାର ସେନାପତି ତଥା ଅନ୍ୟ ଦୁଇ ଅତିଥିସଦସ୍ୟ ଭାବେ କୈଳାସ ଚନ୍ଦ୍ର ଖିଲାର ଏବଂ ବଙ୍କିମ ଚନ୍ଦ୍ର ପତିଙ୍କୁ ସମର୍ଥନ ସହ ଗ୍ରହଣ କରାଯାଇଥିଲା । ସଦସ୍ୟମାନଙ୍କ ମଧ୍ୟରେ ମୟୁର ଚନ୍ଦ୍ର ସେଠୀ, ପ୍ରମୋଦ କୁମାର ଚୌଧୁରୀ, ରବୀନ୍ଦ୍ର ନାଥ ରଣା, ମୋହନ ବେହେରା ତଥା ଅନ୍ୟାନ୍ୟ ସଦସ୍ୟ/ସଦସ୍ୟା ଉପସ୍ଥିତ ଥାଇ ୩ବର୍ଷ ଅବଧି କାର୍ଯ୍ୟକାଳ ନିମନ୍ତେ ଚଳିତ ଆର୍ଥିକ ବର୍ଷ ଠାରୁ କ୍ଷମତା ପ୍ରଦାନ କରିବାରେ ସମର୍ଥନ କରିଥିଲେ । ଉପଦେଷ୍ଟା ଭାବେ ଡା. ମୁରଲୀଧର ପାତ୍ର, ଗିରିଧାରୀ ବିନ୍ଧାଣୀ, ମନୋରଞ୍ଜନ ଜେନା, ଏମ୍. ନାର୍ସେୟା ତଥା ଅରୁଣ ଚାଟାର୍ଜୀ ଏବଂ ସମୀକ୍ଷକ ଭାବେ ପ୍ରମୋଦ କୁମାର ଚୌଧୁରୀଙ୍କୁ ମନୋନୀତ କରାଯାଇଥିଲା । ସଂଘର ନିଷ୍ପତ୍ତି କ୍ରମେ ଚଳିତ ମାସ ମଧ୍ୟରେ ବାର୍ଷିକ ସମ୍ମିଳନୀ କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା । ବିଜୟ କୁମାର ସେନାପତି ଧନ୍ୟବାଦ ଅର୍ପଣ କଲା ପରେ ସଭାସାଙ୍ଗ କରାଯାଇଥିଲା ।

# ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ବୋଦାପଳସାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରସ୍ତୁତି ସଭା

କେନ୍ଦୁଝର, ୨୪/୧ (ନି.ପ୍ର): ସିଏସ୍ ହାଇସ୍କୁଲ୍, ବୋଦାପଳସା ପ୍ରାଙ୍ଗଣରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ମହାନ୍ତ ଙ୍କ ସଭାପତିତ୍ୱ ବୁଧବାର ଦିନ ଏକ ବୈଠକ ଆୟୋଜିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉତ୍ସବର ଆୟୋଜନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ସଭାରେ ସମସ୍ତ ଅଂଶଗ୍ରହୀଙ୍କର ସହମତି ଅନୁସାରେ ଏହି ଉତ୍ସବ ଉପଲକ୍ଷେ ଏକ ଶେଷ ସଭା ଆଗାମୀ ଫେବୃଆରୀ ମାସ ୯ ତାରିଖ ରେ ଆୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି । ଉକ୍ତ ସଭା ରେ ସର୍ବଶ୍ରୀ ବନବିହାରୀ ଦାସ, ଅକ୍ଷୟ କୁମାର ଦାସ, ପ୍ରତ୍ୟୁଷ ପଟ୍ଟନାୟକ ସମେତ ଅନେକ ପୁରାତନ ସଭ୍ୟ ଉପସ୍ଥିତ ଥିଲେ ଏବଂ ସେମାନେ ସ୍କୁଲର ୧୦୦ ବର୍ଷ ପୂର୍ତ୍ତି ପାଇଁ ଅନେକ ପ୍ରସ୍ତାବ ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି । ପ୍ରଧାନ ବିଷୟ ଥିଲା ସମସ୍ତ ସ୍କୁଲ ପୁରୁଣା ଛାତ୍ରମାନେ ସହ ଏହି ଉତ୍ସବରେ ସମ୍ମିଳିତ ହୋଇ ଅନୁଷ୍ଠାନର କୁ ଆହୁରି ଆଗକୁ ନେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବା ।

## ନିଶାମୁକ୍ତ ଭାରତ ଅଭିଯାନ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, ୨୪/୧ (ନି.ପ୍ର): ନିଶାମୁକ୍ତ ଭାରତ ଅଭିଯାନ ନେଇ ଏକ ସଚେତନତା ଶୋଭାଯାତ୍ରା ଆଜି ଦିନ ୧୦ଟା ୩୦ ମିନିଟ ସମୟରେ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ର ସମାଜିକ ସୁରକ୍ଷା ବିଭାଗ ତରଫରୁ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରଥମେ ବିଶ୍ୱ ବିଦ୍ୟାଳୟର ନିଶାମୁକ୍ତ ଭାରତ ନେଇ ଶପଥ ପାଠ କରାଯାଇଥିଲା । ଏହି ଶୋଭାଯାତ୍ରାକୁ ବିଶ୍ୱ ବିଦ୍ୟାଳୟ କୁଳ ସଚିବ ରଞ୍ଜନ କୁମାର ପ୍ରଧାନ ଉଦଘାଟନ କରିଥିଲ । ଏଠାରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଭାଗ ନେଇ ନିଶା ମୁକ୍ତ ଭାରତ ଅଭିଯାନ ନେଇ ମଦ ମିଳେ ବଜାରେ ଜୀବନ ନିଏ ହଜାରେ, ଯିଏ ପିଏ ମଦ ସିଏ ହେଲା ଗଧ, ବୋଲି ସ୍ଲୋଗାନ ଦେଇଥିଲେ ।


## ଏସ୍. ଇ. ରେଳବାଇ - ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୫/୦୨ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ **୧୫.୦୦ ଘଣ୍ଟା ପୂର୍ବରୁ** ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ **୧୫.୩୦ ଘଣ୍ଟାରେ ଖୋଲାଯିବ: କ୍ରମିକ ସଂଖ୍ୟା; ଟେଣ୍ଡର ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଆୟ ଟଙ୍କା; ଖୋଲିବାର ତାରିଖ; କାର୍ଯ୍ୟ ସମାପ୍ତି ଅବଧି: (୧); ଇ- କେଜିପି-ଦକ୍ଷିଣ-୦୧-୨୦୨୫;** ଏଡିଇନ/ବାଲାସୋର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ କଂକ୍ରିଟ୍ କାନଭାସ୍ ଡ୍ରେନ୍ ବ୍ୟବସ୍ଥା ସହିତ ୩୪୧୦ ମିଟର ବ୍ୟାଙ୍କର ଉନ୍ନତି; **୯,୭୦,୯୯,୬୧୭.୨୯; ୬,୩୫,୫୦୦.୦୦ ;** ୧୧/୦୨/୨୦୨୫; ୧୮ ମାସ; (୨); **E-KGP-HQ- 04-2025;** ADEN/Tamluk ର ଅଧିକାରକ୍ଷେତ୍ର ଅନ୍ତର୍ଗତ ପଂସକୁରା-ହଳଦିଆ ସେକ୍ସନରେ ୨୪.୭୮୮ Tr. Km (ପ୍ୟାଚ୍‌ରେ) ପାଇଁ ବାଲାଷ୍ଟ ନବୀକରଣ ମାଧ୍ୟମରେ; **୧,୯୧,୨୭,୯୭୨.୬୮; ୨,୪୫,୬୦୦.୦୦;** ୧୧/୦୨/୨୦୨୫; ୦୮ ମାସ; **(୩); E-KGP-\I Y-02-2025;** ADEN/ବାଲେଶ୍ୱର ଅନ୍ତର୍ଗତ ରୂପସା-ରାଣୀତାଲ ସେକ୍ସନରେ ୨୮.୭୮୯ Tr. Km ଫିଟିଂସ୍ ନବୀକରଣ କାର୍ଯ୍ୟର କାର୍ଯ୍ୟକାରୀତା; **୭୭,୧୫,୯୫୯.୮୫; ୧,୫୪,୩୦୦.୦୦;** ୧୩/୦୨/୨୦୨୫; ୧୨ ମାସ; **(୪); E-KGP-South-04-2025;** ADEN (ଦକ୍ଷିଣ)/ଖଡ଼ଗପୁର (୬ଷ୍ଠ କଲ୍) ଅଧୀନରେ ଖଡ଼ଗପୁର ଡିଭିଜନର ଖଡ଼ଗପୁର-ରୂପସା ସେକ୍ସନରେ ବିଦ୍ୟମାନ ପାଇପ୍ ସେତୁ (୧୦ ଟି)ର ବଦଳା; **୪,୮୨,୯୨,୮୮୩.୮୨;** ୩,୯୧,୫୦୦.୦୦; । ୧୩/୦୨/୨୦୨୫; ୧୨ ମାସ; (୫); **E-KGP- ଦକ୍ଷିଣ-୦୩-୨୦୨୫;** ସିନିୟର ଉରଘ (ଦକ୍ଷିଣ)/ଖଡ଼ଗପୁର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ୫.୪୭୪ Trk କିଲୋମିଟରରେ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ମାଧ୍ୟମିକ) ଅର୍ଥାତ୍ CTR(S) କାର୍ଯ୍ୟର ସମ୍ପାଦନ; **୧,୩୨,୧୬,୮୮୭.୧୨;** ୨,୧୬, ୧୦୦. ୦୦; ୧୮/୦୨/୨୦୨୫; ୧୨ ମାସ; **(୬); E-KGP-\ଦକ୍ଷିଣ-05-2025;** ସିନିୟର DEN (ଦକ୍ଷିଣ)/ଖଡ଼ଗପୁର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ୫୯.୮୨୦ Trk କିଲୋମିଟର ଏବଂ 10 Pt. & Xings ମାଧ୍ୟମରେ ବାଲାଷ୍ଟ ନବୀକରଣ କାର୍ଯ୍ୟର ସମ୍ପାଦନ; **୫,୭୧,୨୨,୭୬୬.୨୯;** ୪,୩୫,୬୦୦.୦୦; ୧୮/୦୨/୨୦୨୫; ୧୨ ମାସ; **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୦.୦୦; **ବିଡ୍ ଆରମ୍ଭ ତାରିଖ: ୨୮/୦୧/୨୦୨୫ରୁ** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ; ଏସ୍ଆଇ. **ନମ୍ବର ୨** ପାଇଁ **୧୭/୦୧/୨୦୨୫ ରୁ ୧୧/୦୨/୨୦୨୫, ୧୫.୦୦** ଘଣ୍ଟା ପର୍ଯ୍ୟନ୍ତ; **୩୦/୦୧/୨୦୨୫ ରୁ ୩ ଏବଂ ୪** ପାଇଁ **୧୩/୦୨/୨୦୨୫ରୁ ୧୫.୦୦** ଘଣ୍ଟା ପର୍ଯ୍ୟନ୍ତ; **୦୪/୦୨/୨୦୨୫ ରୁ ୫ ଏବଂ ୬ ପାଇଁ ୧୮/୦୨/୨୦୨୫ ରୁ ୧୫.୦୦** ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

(PR-1054)


# ଜଳେଶ୍ୱରରେ ବେନିୟମ ନିଶା କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଉ ବିରୋଧରେ ବିକ୍ଷୋଭ

ଜଳେଶ୍ୱର, ୨୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଂଚଳର ଜନସାଧାରଣ ତଥା ବିଭିନ୍ନ ଗଣ ସଂଘଠନ ତରଫରୁ ଆଜି ଜଳେଶ୍ୱର ବ୍ଲକ ଠାରୁ ଦିନ ୧୦ ଘଟିକା ସମୟରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜଳେଶ୍ୱର ଅବକାରୀ ବିଭାଗର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ୮ ଦଫା ସମ୍ବଳିତ ଦାବି ପତ୍ର ମୁଖ୍ୟ ମନ୍ତ୍ରୀଙ୍କ ଉଦେଶ୍ୱରେ ଅବକାରୀ ଇନ୍ସପେକ୍ଟର ହରିହର ସିଂ ଙ୍କୁ ପ୍ରଦାନ କରାଯାଇଥିଲା। ସମଗ୍ର ରାଜ୍ୟରେ ଜଳେଶ୍ୱର ଏକ ବେନିୟମ ନିଶାମାଦକ ଦ୍ରବ୍ୟ କାରବାର ପାଇଁ ନିଶା ମାଫିଆ ମାନଙ୍କର ମୁଖ୍ୟ ନିରାପଦ ପେଣ୍ଠ ସ୍ଥଳୀ ପାଲଟିଛି। ଜଳେଶ୍ୱରରେ ବେନିୟମ ଭାବେ ଦେଶୀ ତିଆରି ମଦ,ନକଲି ବିଦେଶୀ ମଦ,ଗଞ୍ଜା, ଅଫିମ, ଧଳାଜହର,ଚରସ ଇତ୍ୟାଦି ନିଶା ମାଦକ ଦ୍ରବ୍ୟ ଗୁଡ଼ିକର କାରବାର




କ୍ରମଶଃ ବ୍ୟାପକ ଭାବେ ବୃଦ୍ଧି ପାଉଛି ଏବଂ ଏହା ଜଳେଶ୍ୱର ଅଞ୍ଚଳରେ ଏକ ପ୍ରଧାନ କୁଟୀର ଶିଳ୍ପରେ ପରିଣତ ହେଲାଣି। ଏକ ସୁସ୍ଥ ସମାଜକୁ ନଷ୍ଟ ତ ?ଥା କଳୁଷିତ ଏବଂ ପଥଭ୍ରଷ୍ଟ କରିବା ପାଇଁ ଭିତ୍ତିଭୂମୀ ତିଆରି ହୋଇସାରିଛି। ବିଶେଷ କରି କୋମଳମୋତି ଛାତ୍ରଛାତ୍ରୀ,ଯୁବ ପିଢ଼ି,ବିଭିନ୍ନ ନିଶା ଦ୍ରବ୍ୟରେ ଆସକ୍ତ ହୋଇ ଏକ ସୁସ୍ଥ ସମାଜ ଗଠନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପ୍ରଶାସନ ଏଥିରୁ ନଜର ହଟାଇବା ପାଇଁ ବହୁ କ୍ଷେତ୍ରରେ ସରଳ ଦଳିତ ଆଦିବାସୀ ମାନଙ୍କ ଉପରେ ଦେଶୀ ମଦ କାରବାରରେ ମିଥ୍ୟା ଆରୋପ ଲଗାଇ ଗିରଫ କରାଯାଉଛି ଏବଂ ସେମାନଙ୍କୁ ନିର୍ଦ୍ଦୟ ଭାବେ ନିର୍ଯ୍ୟାତନା ଓ ଶୋଷଣର ଶିକାର କରାଯାଉଛି। କିନ୍ତୁ ଜଳେଶ୍ୱର ଅଂଚଳରେ ପ୍ରକୃତରେ ବେନିୟମ ନିଶା କାରବାରରେ ଲିପ୍ତ ଥିବା ମୁଖ୍ୟ ଅପରାଧୀ ମାନଙ୍କୁ ଗିରଫ ନକରି ସେମାନଙ୍କ ନିଶା ସାମ୍ରାଜ୍ୟ କୁ ଅଧିକ ବିସ୍ତାର ପାଇଁ ସୁଯୋଗ ଦେଉଥିବାର ଦେଖାଯାଉଛି। ଏହି ବିକ୍ଷୋଭ ପ୍ରଦର୍ଶନ ସମତା ମଞ୍ଚର ସଭାପତି ଅଶୋକ କୁମାର ଜେନାଙ୍କ ନେତୃତ୍ୱରେ ସମ୍ପାଦକ ନିରୋଜ ବେହେରା, ପାଲ୍ଟୁ ଦାସ,ରବିନ୍ଦ୍ର ବାରିକ,ପ୍ରଦୀପ ସିଂହ, ନାରୀନେତ୍ରୀ ବବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ମଦର' ତରଫରୁ ଜାତୀୟ ବାଳିକା ଦିବସ ପାଳିତ

ଭୁବନେଶ୍ୱର , ୨୪/୧ (ନି.ପ୍ର): ଦେଶର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଖଣ୍ଡଗିରୀ ସ୍ଥିତ ସୁଭଦ୍ରା ମହତାବ ସେବା ସଦନ ଠାରେ କୁନିକୁନି କନ୍ୟାରତ୍ନ ମାନଙ୍କ ଗହଣରେ ଏକ ନିଆରା ହସଖୁସିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଦର ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୋଦ ଦାସ ଏବଂ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପିଲାମାନଙ୍କ ସହ ସମୟ ବିତାଇଥିଲେ । କନ୍ୟାଶ୍ରମରେ ରହୁଥିବା କୁନି ଝିଅ ମାନଙ୍କୁ ପାଠ୍ୟ ଉପକରଣ ସହ ଅନ୍ୟାନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ମିଷ୍ଟାନ ବଣ୍ଟନ ସହ ପିଲା ମାନେ ଖୁବ ସୁନ୍ଦର ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ ସମ୍ପାଦିକା ସସ୍ମିତା




ଦାସ କହିଥିଲେ କି, ଭାରତୀୟ ସମାଜରେ ଝିଅମାନେ ସମ୍ମୁଖୀନ ହେଉଥିବା ଅସମାନତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ୨୦୦୮ ମସିହାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଦ୍ୱାରା ଏହା ଆରମ୍ଭ କରାଯାଇଥିଲା । ହେଲେ ଏହାକୁ ସଫଳ କରିବା ଦାୟିତ୍ୱ ଆମ ସମସ୍ତଙ୍କର । ମଦର ପକ୍ଷରୁ କନ୍ୟା ସନ୍ତାନ ବଞ୍ଚାଅ, ଶିଶୁ ଲିଙ୍ଗ ଅନୁପାତ ସମ୍ପର୍କରେ ସଚେତନତା ଅଭିଯାନ ଏବଂ ଝିଅମାନଙ୍କ ପାଇଁ ଏକ ସୁସ୍ଥ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି ସମେତ ସଂଗଠିତ କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇ ଆସୁଅଛି । ଚଳିତ ବର୍ଷର ଏହାର ଥିମ୍ ରହିଛି 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅମାନଙ୍କୁ ସଶକ୍ତ କରିବା'। ତେଣୁ ଆମେ ମାନେ ପିଲାଙ୍କ ପାଇଁ ଆବଶ୍ୟକ ପାଠ୍ୟ ଉପକରଣ ପ୍ରଦାନ କଲୁ । ଆଗାମୀ ଦିନମାନଙ୍କରେ ମଧ ଏମିତି ସଚେତନତା ଏବଂ ସହଯୋଗ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ତା ସହ ସୁଭଦ୍ରା ମହତାବ ସେବା ସଦନର ପରିଚାଳନା କମିଟି ଏବଂ କର୍ମକର୍ତ୍ତାଙ୍କୁ ଏମିତି ଏକ କନ୍ୟାଶ୍ରମ ସୁବ୍ୟବସ୍ଥିତ ତଥା ସୁଚାରୁରୂପେ ପରିଚାଳନା କରୁଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ବାଳିକା ଶିଶୁ ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୪/୧ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଆନୁକୁଲ୍ୟରେ 'ଜାତୀୟ ବାଳିକା ଶିଶୁ ଦିବସ' ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ପୌରୋହିତ୍ୟ କରି ସମାଜ ଗଠନରେ ଝିଅମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି ଝିଅମାନଙ୍କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲା ବେଳେ ଶୈକ୍ଷିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ ଝିଅମାନଙ୍କର ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ସମ୍ପର୍କରେ କହିଥିଲେ। ଯୁବ ରେଡ୍‌କ୍ରସ୍‌ର ମୁଖ୍ୟ କାଉନ୍‌ସିଲର୍ ଡ଼ ସୁଜାତା ଭଞ୍ଜ ଭାରତର ବିଶିଷ୍ଟ ମହିଳାମାନଙ୍କର ଉଦାହରଣ ନେବା ସହିତ ସଚେତନତା ଦ୍ୱାରା ଝିଅମାନେ ସୁରକ୍ଷିତ ସଶକ୍ତ ହୋଇପାରିବେ ବୋଲି କହିଥିଲେ। ଯୁବ ରେଡ୍‌କ୍ରସ୍‌ର କାଉନ୍‌ସିଲର୍ ରଞ୍ଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


## AFFIDAVIT

An affidavit before the executive Magistrate Balasore, I, Kunu Majhi, aged about 39 yrs., S/o- Mara Majhi, of At-Gohirana, P.o.- Naranpur, P.s.- Berhampur, Dist-Balasore declare that in my D.L No- OR0120080017793 my name has been recorded as Kunu Hansda instead of my actual name Kunu Majhi. But my actual name is Kunu Majhi which has recorded in my Aadhar Card vide No-9443 2309 4901 & in all my documents. That Kunu Majhi and Kunu Hansda is same one person. Henceforth I will be known as Kunu Majhi in all purpose

**Kunu Majhi**


# ଲକ୍ଷ୍ମୀ ନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୨୪/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବାଣପୁର ଗ୍ରାମରେ ନୂତନ ଭାବେ ଲକ୍ଷ୍ମୀ ନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ରେ ବ୍ରାହ୍ମଣ ପୁରୋହିତ ବନ୍ଧୁ ଯୋଗ ଦେଇଥିଲେ ଓ ମନ୍ତ୍ରପାଠ କରିଥଲେ। ଏଥି ସହିତ ଠାକୁର ଙ୍କ ନୀତି କାନ୍ତି ନୀତି ନିୟମ ଅନୁଯାୟୀ ହୋଇ ଥିଲା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇ ଥିଲା। ଏହି ପ୍ରତିଷ୍ଠା ଉତ୍ସବ ରେ ମନ୍ଦିର ର ପ୍ରତିଷ୍ଠାତା ଭରତ ଧର ମୁଖ୍ୟ କାର୍ଯ୍ୟ ତୁଲାଇଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ତପନ କୁମାର ଧର, ଲକ୍ଷ୍ମଣ କୁମାର ଧର, ମଣିରାମ ଧର, ମନୋରଞ୍ଜନ ଧର, ସପନ କୁମାର ଧର, ବସନ୍ତ କୁମାର ପଣ୍ଡା, ବଳରାମ ପଣ୍ଡା, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଆମ ଗାଁ



ସାହିତ୍ୟ ପତ୍ରିକାର ସମ୍ପାଦକ କବି ରତ୍ନାକର ପଣ୍ଡା, କବି ଓ ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଦିବାକର ନାୟକ, ରବୀନ୍ଦ୍ର ପଣ୍ଡା, ସଞ୍ଜୀବ ଧର, କମଳାକାନ୍ତ ବେହେରା, ମୁନି ସମାଜର ଭକ୍ତ ଗଜେନ୍ଦ୍ର ପାତ୍ର, ଶଶଧର ପଣ୍ଡା, ସୁଲୋଚନା ଧର, ପୁଷ୍ପଲତା ଧର, ସମରେନ୍ଦ୍ର ପାଢ଼ୀ, ମନୋରମା ଧର, ବିଷ୍ଣୁ ମୋହନ ଧର, କାମିନୀ ଲତା ଧର ପ୍ରମୁଖ ସହଯୋଗ କରିଥିଲେ। ତିନି ଦିନ ଧରି ଭଜନ କୀର୍ତ୍ତନ, ସଂକୀର୍ତ୍ତନ ନାମ ଯଜ୍ଞ ଅନୁଷ୍ଠିତ ହୋଇ ଥିଲା। ଏହି ସୁନ୍ଦର ଆଧାତ୍ମିକ ପରିବେଶରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇ ଥିଲେ। ବହୁ ସଂଖ୍ୟା ରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ ଓ ପ୍ରସାଦ ସେବନ କରିଥିଲେ।

# ପ୍ରେସ ଇମ୍‌ପ୍ରେସର ମିଡିଆ କ୍ଲବର ବନ୍ଧୁ ମିଳନ ଉତ୍ସବ



ବାଲେଶ୍ୱର , ୨୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପ୍ରେସ ଇମ ପ୍ରେସର ମିଡିଆ କ୍ଲବର ବନ୍ଧୁ ମିଳନ ଉତ୍ସବ ୨୦୨୫ ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ଅଧ୍ୟକ୍ଷତାରେ ନୀଳଗିରିର ସଜୋନା ଗଡ ର ଛତ୍ରପୁର ପଞ୍ଚାୟତରେ ନିତାଇ ଗୌରୀ ର ଆଶ୍ରମରେ ନିକଟରେ ଆୟୋଜନ କରା ଯାଇଥିଲା । ଏହି ଉତ୍ସବ ସଂଘର ଉପ ସଭାପତି ବାସୁଦେବ ରାଉଳ ଉପସ୍ଥିତ ଥିଲେ। ଏହି ବନ୍ଧୁ ମିଳନ ଉତ୍ସବ ସବୁବର୍ଷ ପରି ଏବର୍ଷ ପ୍ରେସ ଇମ୍ ପ୍ରେସର ସଂଘର ସମସ୍ତ ସଭ୍ୟ ମାନେ ଫୁଲ ତୋଡା ଦେଇ ସଭାପତି ଉଜଳ ଚନ୍ଦ୍ର କରଙ୍କୁ ସ୍ୱାଗତ କରିଥିଲେ ।ସବୁ ବର୍ଷ ପରି ଏ ବର୍ଷ ମଧ ସମସ୍ତେ ନାଚ ଗୀତ ଭଳି କି ଭଳି ଖାଦ୍ୟ ସଙ୍ଗେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭୋଜି ଭାତ ମଜା ମଧ ନେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ବେହେରା, ସନ୍ଦିପ୍ତ ଦାସ , ପଦ୍ମ ଲୋଚନ ଦତ୍ତ , ବିରଞ୍ଚି ପ୍ରଧାନ , କୈଳାଶ ଚନ୍ଦ୍ର ବେହେରା , ଗଗନ କୁମାର ସେଠୀ , ସୁଶାନ୍ତ ଦାସ, ସୁଶୀଳ ଜେନା, ସୁଦୀପ୍ତ ମହାନ୍ତି, ସରିତା ସିଂ, ଚକ୍ରଧର ସିଂ, ଉମାକାନ୍ତ ରାଉତ, ସୁଦୀପ୍ତ ମହାନ୍ତି, ନୃସିଂହ ବେହେରା , କରୁଣା କର ଭୁଆଁ ,ଲକ୍ଷ୍ମୀଧର ମଣ୍ଡଳ , ଦୀପକ ମଲ୍ଲିକ , ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ। ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ। ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ। ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରିନଥିଲେ। ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାତ୍ର କିଛି ଫଳ ହେଲାନାହିଁ। ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ। ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା। ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ। ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ। ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ। ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା। ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା। ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ।

ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଐତିହାସିକ ହେବ ...

ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଏବଂ ଅଶ୍ୱିନୀ ବୈଷ୍ଣବ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମେକ୍ ଇନ୍ ଓଡ଼ିଶା ୱେବସାଇଟରେ ୭୫୦୦ରୁ ଅଧିକ ଡେଲିଗେଟ ପଞ୍ଜୀକରଣ କରିଛନ୍ତି। ଏଥିରେ ୨୦ଟିରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ଡେଲିଗେଟ୍ ଅଛନ୍ତି। ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ପରି ଆମର ପାର୍ଟନର ଦେଶ ମାନଙ୍କରୁ ଅଧିକ ଡେଲିଗେଟ୍ ଆସିବାର ସମ୍ଭାବନା ଅଛି। ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ରେ କେତେକ କଣ୍ଟ୍ରି ଅଫ୍ ଫୋକସ୍ ସେସନ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରାୟ ୨୦ଟି ଦେଶର ପ୍ରତିନିଧିମାନେ ଆଲୋଚନା କରିବେ। ଏହା ଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇବ। ଏହି କନକ୍ଲେଭରେ ଏକ 'ମେକ୍ ଇନ୍ ଓଡିଶା ଏକ୍ସପୋ' ମଧ ଅନୁଷ୍ଠିତ ହେବ। ପ୍ରାୟ ୧୫୦ ଜଣ ଏକ୍ସିବିଟର ସେମାନଙ୍କର ପ୍ରଡକ୍ଟ , ସର୍ଭିସ୍ ଓ ଇନୋଭେସନ ଆଦି ପ୍ରଦର୍ଶନ କରିବେ। ୨୮-୨୯, ଦୁଇ ଦିନ ଧରି ଏହା କେବଳ ଡେଲିଗେଟ୍ ?ମାନଙ୍କ ପାଇଁ ଖୋଲା ରହିବ। ୩୦ ତାରିଖ ଦିନ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ରଖାଯିବ। ଏହାସହିତ ଷ୍ଟାର୍ଟ ଅପ୍ ଓଡିଶା, ସ୍କିଲଡ୍ ଇନ୍ ଓଡିଶା ଓ ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗୀକରଣ ପରି ତିନୋଟି ଥିମାଟିକ୍ ସେସନ ମଧ ଅନୁଷ୍ଠିତ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମାରୋହରେ ବିଭିନ୍ନ ରାଉଣ୍ଡ ଟେବୁଲ ବୈଠକ ମଧ ଅନୁଷ୍ଠିତ ହେବ।

### ଆରମ୍ଭହେଲା ଆବାସ ...

କିଏ କଲା, କେଉଁଠି କଲା- ତା'ର କେହି ଟେର୍ ପାଉ ନଥିଲା ବେଳେ, ପ୍ରଥମଥର ପାଇଁ ଆଶାୟୀଙ୍କ ଉପସ୍ଥିତିରେ ସର୍ଭେର ଏ ତରିକାକୁ ଆଶାୟୀଙ୍କ ଉତ୍ସାହର ଠିକଣା ନାହିଁ । ସେହିପରି ବଲାଙ୍ଗୀର ପୁଇଁତଲା ବ୍ଲକ୍ ଗଇଁତଲା ପଞ୍ଚାୟତରେ ସ୍ଥାନୀୟ ସରକାରୀ ଅଧିକାରୀଙ୍କ ଆବାସ ପ୍ଲସ୍ ସର୍ଭେର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଆବାସରେ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ଆଜିଠୁ ଉଭୟ ଅଫଲାଇନ୍ ଓ ଅନଲାଇନରେ ସର୍ଭେ ଆରମ୍ଭ ହୋଇଛି । ବଡ଼ କଥା ହେଉଛି ସର୍ଭେ ସହ ଆବେଦନ ଚାଲୁଥିବ, ତା ସଙ୍ଗେ ସଙ୍ଗେ ଯାଞ୍ଚ ବି ଚାଲୁଥିବ। ଆବାସ ଆଶାୟୀ ଅନଲାଇନରେ ସାଇଟ୍‌କୁ ଯାଇ କିମ୍ବା ମୋବାଇଲରେ ଆପ୍ ଜରିଆରେ ଆବେଦନ କରିପାରିବେ । ଅଫଲାଇନରେ ପଞ୍ଚାୟତ ଅଫିସକୁ ଯାଇ ଫର୍ମ ଜରିଆରେ ଆବେଦନ କରିବାକୁ ହେବ । ବଡ଼ କଥା ହେଉଛି ଏଥର ଯୋଗ୍ୟତାର ମାନଦଣ୍ଡକୁ ସରକାର କୋହଳ କରିଥିବାରୁ ମାସିକ ୧୫ ହଜାର ଯାଏଁ ଆୟ କରୁଥିବା ବ୍ୟକ୍ତି, ବାଇକ୍ ରେଫ୍ରିଜିରେଟର, ଲ୍ୟାଣ୍ଡଲାଇନ୍ ଫୋନ୍ ଥିବା ପରିବାର, ଏବଂ ବାପାଠୁ ଭିନ୍ନେ ହୋଇଥିବା ପୁଅ, ସ୍ୱାମୀଠୁ ଅଲଗା ରହୁଥିବା ସ୍ତ୍ରୀ ବି ଅଲଗା ଆବେଦନ କରିପାରିବେ । ତେଣୁ ଏଇସବୁ କାରଣ ପାଇଁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଭଦ୍ରକ ବାସୁଦେବପୁର ବ୍ଲକ୍ ସାନକୃଷ୍ଣପୁର ନଟିଆପାଳ ଗାଁର ସର୍ବେଶ୍ୱର ଜେନାଙ୍କ ପରିବାର ହୁଅନ୍ତୁ କି ବଲାଙ୍ଗିର ପୁଇଁତଲା ବ୍ଲକ୍‌କୁ ଗଇଁତଲା ଗାଁର ରାତ୍ର ଭୋଇ, ସମସ୍ତଙ୍କ ଭିତରେ ଆବାସ ପାଇଁ ଆଶା ଜାଗିଛି ।

### ଛତିଶଗଡ ଏନକାଉଣ୍ଟରରେ...

ଖବର ପାଇବା ପରଠୁ ଏହି ଟାଇଲ ଛପର ଭଙ୍ଗା ଦଦରା ଘରେ ପଡ଼ିରହିଥିବା ବୁଢ଼ୀ ମା'ର ପଞ୍ଜରାହାଡ଼ ଥରିଯାଉଛି। ଭାଇ-ଭାଇଜଙ୍କ ପାଦ ତଳୁ ବି ମାଟି ଖସିଯାଉଛି। ସ୍ତବ୍ଧ ପାଲଟିଯାଇଛି କଟକ ନିଆଳି ଥାନା କୁଳଶ୍ରୀ ଗାଁ। କାରଣ ଦୀର୍ଘ ବର୍ଷ ଧରି ନିଖୋଜ ଥିବା ଆଲୋକ ଓରଫ୍ ବାଉରୀବନ୍ଧୁ ଆଉ ନାହିଁ। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧରେ ସୁରକ୍ଷାକର୍ମୀଙ୍କ ମାଓ ଏନକାଉଣ୍ଟରରେ ପ୍ରାଣ ହରାଇଛି। ଯାହାର ମୃତଦେହକୁ ଚିହ୍ନଟ ପରେ ପୋଲିସ୍ ବାଉରୀବନ୍ଧୁଙ୍କ ଭାଇ ଓ ମାଙ୍କ ପାଖକୁ ଆସି ଖବର ଦେଇଛି। ପ୍ରଶ୍ନ ଉଠୁଛି, ଉପକୂଳରୁ କେମିତି ଉପାନ୍ତ ଯାଏଁ ପହଞ୍ଚିଥିଲେ ବାଉରୀ ବନ୍ଧୁ ସେଠୀ ? ଏକଦା ମେଧାବୀ ଛାତ୍ର ଥିବା ବାଉରୀ କାହିଁକି ବାଛିଥିଲା ମାଓ ବିଚାରଧାରାକୁ? କୁଳଶ୍ରୀ ଗ୍ରାମବାସୀଙ୍କ କହିବା କଥା, ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ କଲେଜରେ ୨୦୦୦ ମସିହାରେ ନାମ ଲେଖାଇଥିଲା ବାଉରୀ। ଏହି କଲେଜରେ ପଢ଼ିବାବେଳେ କୁଖ୍ୟାତ ମାଓବାଦୀ ସବ୍ୟସାଚୀ ପଣ୍ଡା ସହ ସଂସ୍ପର୍ଶରେ ଆସିଥିଲା ସେ। ୨୦୦୫ରେ କୁଳଶ୍ରୀ ସ୍କୁଲ ପଡ଼ିଆରେ ଜନଗର୍ଜନ ସମାବେଶ ନାଁରେ ବାଉରୀବନ୍ଧୁ ଆୟୋଜନ କରିଥିଲା ଏକ ବିରାଟ ସମାବେଶ। ସମାବେଶକୁ ସେତେବେଳେ ପୋଲିସ ବିରୋଧ କରିବାରୁ ଜୟୀ ରାଜଗୁରୁଙ୍କ ନାଁରେ ହୋଇଥିଲା କାର୍ଯ୍ୟକ୍ରମ। ପରବର୍ତ୍ତୀ ସମୟରେ ପାରାଦୀପରେ ଏକ ମିଟିଂ ଥିବା କହି ଘରୁ ବାହାରିଯାଇଥିବା ବାଉରୀବନ୍ଧୁ ଆଉ ବାହୁଡ଼ିନଥିଲା। ଏପରିକି ପରିବାର ସହ ବି ବାଉରୀବନ୍ଧୁ ସହ କୌଣସି ଯୋଗାଯୋଗ ନହେବାରୁ ମୃତ୍ୟୁ ହୋଇଯାଇଥିବା ଭାବି ୧୨ ବର୍ଷ ତଳେ ଶୁଦ୍ଧିକ୍ରିୟା ବି ସାରିଦେଇଥିଲେ ପରିବାର ଲୋକେ।

### ଅହଙ୍କାର ଯୋଗୁଁ ...

ଜାଣି ବି ମାନୁନଥିଲା ବେଳେ ପ୍ରଥମ ଥର ପାଇଁ ମାନିଛନ୍ତି ଏହି ବରିଷ୍ଠ ବିଧାୟକ । ରାୟଗଡାରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସ୍ପଷ୍ଟ ଭାବରେ କହିଛନ୍ତି, ୨୪ ବର୍ଷ ଧରି ଶାସନ କରିବା ପରେ ଦଳ ଭିତରେ ଅହଙ୍କାର ବଢ଼ି ଯାଇଥିଲା। ଯେଉଁ କାରଣରୁ ଦଳ ପରାଜୟର ସମ୍ମୁଖୀନ ହେଲା। ଦଳ ଭିତରେ ଥିବା କିଛି ଅସନ୍ତୁଷ୍ଟ, ନିଜ ନିଜ ଭିତରେ ଦ୍ୱନ୍ଦ୍ୱକୁ ଭୁଲିଗଲେ, ବିଜେଡି ପୁଣିଥରେ କ୍ଷମତାକୁ ଆସିବ । ଦଳୀୟ କାର୍ଯ୍ୟକ୍ରମରେ ଅରୁଣଙ୍କ ଏଭଳି ବୟାନ ଚର୍ଚ୍ଚାର ବିଷୟ ହୋଇଛି। ତେବେ ପ୍ରଶ୍ନ ଉଠୁଛି କାହା ଅହଙ୍କାର ବଢ଼ି ଯାଇଥିଲା ? ସୁପ୍ରିମୋଙ୍କର ନା ନେତାଙ୍କର ଅହଙ୍କାର ବଢ଼ିବାରୁ ଦଳ ହାରିଲା ? ନା ଅରୁଣଙ୍କ ଏଭଳି ବୟାନ ପଛରେ ରହିଛି କି ସୁଚିନ୍ତିତ ରଣନୀତି ? ଦଳ ଏହା ଉପରେ ଆଗାମୀ ଦିନରେ ତର୍ଜମା କରିବ କି ? କାରଣ ଗୋଟିଏ ପଟେ ଦଳ ସଜାଡିବାକୁ ଅରୁଣ ପରାମର୍ଶ ଦେଉଥିବାବେଳେ କଟକରୁ ଆସିଛି ଦଳୀୟ କନ୍ଦଳର ଚିତ୍ର । ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଘରେ ଏକାଠି ହୋଇଛନ୍ତି ଯୁବନେତା । ପୁରୀ ବିଧାୟକ ସୁନୀଲ ମହାନ୍ତି, ବାଙ୍କୀ ବିଧାୟକ ଦେବୀ ତ୍ରିପାଠୀଙ୍କ ସମେତ ବହୁତ ଯୁବ ବିଜେଡି ନେତା ଦେବାଶିଷ ସାମନ୍ତରାୟଙ୍କ ଘରେ ମେଳି କରିଛନ୍ତି। ପ୍ରଣବ ବଳବନ୍ତରାୟ, ଅଂଶୁମାନ ମହାନ୍ତି, ସମ୍ବିତ ରାଉତରାୟ, ଚନ୍ଦ୍ରସାରଥୀ ବେହେରା, ରୁଦ୍ର ମହାରଥୀଙ୍କ ଭଳି ଯୁବ ନେତା ଯୋଗ ଦେଇଥିଲେ। କିନ୍ତୁ ସେହି କଟକର ହୋଇ ବି ବିଧାୟକ ସୌଭିକ ବିଶ୍ୱାଳ ଓ ମେୟର ସୁବାସ ସିଂ ବୈଠକରେ ସାମିଲ ନହେବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ୨୪ ବର୍ଷ ଧରି ନିରଙ୍କୁଶ ଶାସନ କରିବା ପରେ ପ୍ରଥମ ଥର ପାଇଁ ପରାଜୟର ସ୍ୱାଦ ଚାଖିଛି ବିଜେଡି । ଅପରାଜୟ ଥିବା ଦଳକୁ ୨୦୨୪ରେ ପ୍ରତ୍ୟାଖାନ କରିଛନ୍ତି ଓଡ଼ିଶାବାସୀ । ସେହିଦିନୁ ପୁଣି ଥରେ ସଂଘର୍ଷ କରୁଛି ଦଳ।

### ୪କୋଟିର ସାଇବର ...

ଏଥିପାଇଁ ମୁମ୍ବାଇ କ୍ରାଇମ ବ୍ରାଞ୍ଚ ସହ ଯୋଗାଯୋଗ କରିବାକୁ ଅଜ୍ଞାତ ବ୍ୟକ୍ତି ଜଣକ କହିଥିଲା। ଅଜ୍ଞାତ ବ୍ୟକ୍ତି ଜଣକ ଫୋନ୍ କାଟିବା ପରେ ବୈଜ୍ଞାନିକଙ୍କ ମୋବାଇଲକୁ ଇଣ୍ଟରନେସନାଲ ନମ୍ବରରୁ ଏକ କଲ ଆସିଥିଲା। ଏହାର କିଛି ସମୟ ପରେ ଭିଡିଓ କଲରେ ତାଙ୍କ ସହିତ ଯୋଗାଯୋଗ କରାଯାଇ ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ଅଧିକାରୀଙ୍କ ସହ କଥା କରାଇଥିଲା ସାଇବର ଠକ। ଏହାପରେ ତାଙ୍କୁ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଡିଜିଟାଲ ଆରେଷ୍ଟ କରାଯାଇଛି ବୋଲି କୁହାଯାଇଥିଲା। ଏମିତି ୩ଟି ପର୍ଯ୍ୟାୟରେ ବୈଜ୍ଞାନିକଙ୍କ ଆକାଉଣ୍ଟରୁ କୋଟିଏ ୬ ଲକ୍ଷ ୮୨ ହଜାର ଟଙ୍କା ଟ୍ରାନ୍ସଫର କରାଇ ନେଇଥିଲେ ସାଇବର ଠକ। ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଜାଣିବାକୁ ପାଇଥିଲେ ଯେ ସେ ଠକାମୀରେ ଶିକାର ହୋଇଛନ୍ତି। ତେଣୁ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସାଇବର ଥାନା ପୋଲିସ୍ ଏକ ମାମଲା ରୁଜୁ କରି ସାଇବର ଠକଙ୍କ କୁଣ୍ଡଳି ଖୋଜିବା ଆରମ୍ଭ କରିଥିଲା। ତଦନ୍ତ ବେଳେ ମଧ୍ୟପ୍ରଦେଶର ଲିଙ୍କ ମିଳିଥିଲା। ଏହା ପରେ କ୍ରାଇମବ୍ରାଞ୍ଚ ଉଜ୍ଜୟିନୀରୁ ଅଭିଯୁକ୍ତ ସଚିନ କୋଲାଣକୁ ଗିରଫ କରିଥିଲା। ଠିକ୍ ସେମିତି କଟକର ବ୍ୟବସାୟୀଙ୍କୁ ସେୟାର ମାର୍କେଟରେ ପୁଞ୍ଜି ନିବେଶ ପାଇଁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ କରି ଠକେଇ କରିଥିଲେ। ରାମ ଇନଭେଷ୍ଟମେଣ୍ଟ ଏକାଡେମୀ ଗ୍ରୁପ୍‌ରେ ସାମିଲ ହେବା ପରେ ପୁଞ୍ଜି ନିବେଶ ପାଇ ଟିପ୍ସ ଦିଆଯାଇଥିଲା। ଏଥିରେ ଇନ୍‌ଭେଷ୍ଟ କଲେ ଅଧିକ ଲାଭ ମିଳିବ ବୋଲି ଲୋଭ ଦେଖାଯାଇଥିଲା। ସେୟାର ଗୁଡିକୁ କିଣିବା ପାଇଁ ଟେକଷ୍ଟାର ପ୍ରୋ ନାମକ ପ୍ରିଭିଲେଜ୍‌ରେ ଆକାଉଣ୍ଟ ଖୋଲିବା ପାଇଁ ବ୍ୟବସାୟୀଙ୍କୁ ଠକମାନେ କହିଥିଲେ।

# ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ୧୨୮ତମ ଜୟନ୍ତୀ ପାଳିତ

ବାରିପଦା, ୨୪/୧ (ନି.ପ୍ର): ବାରିପଦା ଉପକଣ୍ଠସ୍ଥିତ ଶହୀଦ ପଡିଆ ଦୁର୍ଗାପୂଜା ଓ ସାଂସ୍କୃତିକ ପରିଷଦ ତରଫରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ୧୨୮ତମ ଜୟନ୍ତୀ ପାଳନ ହୋଇଯାଇଛି । ଅନୁଷ୍ଠାନର ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମକୁ ସି.ଟି. ଏଣ୍ଡ ଜି.ଏସ.ଟି ଏନଫରସମେଣ୍ଟ ଡେପୁଟି କମିଶନର ଶ୍ରୀଯୁକ୍ତ କୁଳମଣି ମଲ୍ଲିକ ଏବଂ ନାରୀ ନେତ୍ରୀ ପୂର୍ବତନ ଉପ-ନଗରପାଳ ଦୀପ୍ତିଲତା ମିଶ୍ର ନେତାଜୀ ସୁବାଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚିତ୍ରାଙ୍କନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନ ତରଫରୁ ଆୟୋଜନ ହୋଇଥିବା ପ୍ରତିଯୋଗିତାକୁ ବଚପନ ସ୍କୁଲ ଏବଂ ଭେଙ୍କଟେଶ୍ୱର ସ୍କୁଲର ସହଯୋଗରେ ବରିଷ୍ଠ ଓ କନିଷ୍ଠ ବର୍ଗର ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଲିଖିତ ସାଧାରଣଜ୍ଞାନ ପ୍ରତିଯୋଗିତା ଏବଂ କୌତୁକିଆ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସ୍କୁଲରୁ ୪୬୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ମଧ୍ୟାହ୍ନରେ ପୁରସ୍କାର ବିତରଣୀ ଉତ୍ସବରେ ଅନୁଷ୍ଠାନର ସଭାପତି ସଜଳ ମୌଳିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାରିପଦା ପୌରପରିଷଦର ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ବକ୍ତା ଭାବେ କବି ଅମିତାଭ ମିଶ୍ର, ବିଶିଷ୍ଟ ସମବାୟବିତ୍ ତଥା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ବଳିଆରସିଂ, ସମ୍ପାଦକ ଅଜିତ ଦଳେଇ, ଉପଦେଷ୍ଟା ଆଡଭୋକେଟ ପାର୍ବତୀ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ସରୋଜ କୁମାର ବୋଷ ଅତିଥି ପରିଚୟ ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥିମାନେ ସମ୍ପନ୍ନ ହୋଇଥିବା ବିଭିନ୍ନ ବର୍ଗର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିବା ସହ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ସୁସ୍ମିତା ଘୋଷାଲ, ଅରୁଣ ଘୋଷ, ରଞ୍ଜନ ବାନାର୍ଜୀ, ପ୍ରଣବ ଦେ, ଦେବବ୍ରତ ଚାଟାର୍ଜୀ, ଜୟଦେବ ବାନାର୍ଜୀ, ବିଦିଶା ଚକ୍ରବର୍ତ୍ତୀ, ଅଭିନନ୍ଦନ ବାରିକ, ସୌମେନ ମହାନ୍ତି, ରୂପେଶ ମହାନ୍ତି ଏବଂ ଅଂଜନ ଚାଟାର୍ଜୀ ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ନିମ୍ସ ବିଦ୍ୟାଳୟର ୧୮ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ




ନୀଳଗିରି, ୨୪/୧ (ନି.ପ୍ର): ନୀଳଗିରି ସାନଅଡା ଗ୍ରାମରେ ଗଢି ଉଠିଥିବା ନିମ୍ସ ଇଂଲିଶ ମିଡିୟମ ବିଦ୍ୟାଳୟରେ ଆଜି ତା'ର ୧୮ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡ.ଗଦାଧର ବେହେରା ଏବଂ ନିମନ୍ତ୍ରିତ ଅତିଥିମାନେ ଆଦିଦେବ ବିଘ୍ନେଶ୍ୱରଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ ଶ୍ରୀଯୁକ୍ତ ବେହେରା ପ୍ରାରମ୍ଭିକ ଭାଷଣରେ ଅତିଥି ପରିଚୟ ପ୍ରଦାନ ଏବଂ ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ । ଆଇନଜୀବୀ ତଥା ଅନୁଷ୍ଠାନର ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ଆଜିର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡଃ ଅକ୍ଷୟ କୁମାର ପାଣିଗ୍ରାହୀ,ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଫକୀରମୋହନ ୟୁନିଭରସିଟିର ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ନାୟକ, ମଞ୍ଚାସିନ ଥାଇ ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ନିଜନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ଲକ୍ଷ୍ନୌରେ ଦୁଇଟି ସଡକ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ: ୮ ଆହତ

ଲକ୍ଷ୍ନୌ, ୨୪/୧ ଉତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ଦୁଇଟି ସଡକ ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୮ଜଣ ଆହତ ହୋଇଛନ୍ତି । ବିବିଡି ଥାନା ଅଂଚଳରେ ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ସଡକ ଦୁର୍ଘଟଣାରେ ୪ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି । ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି ପୋଲିସ । ପୋଲିସ ସୂଚନା ମୁତାବକ ଇନ୍ଦିରାନଗର ସ୍ଥିତ କିଷାନ ପଥ ନିକଟରେ ଏକ ଟ୍ରକ ଦୁଇଟି କାରକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ୧୧ଜଣ ଲୋକ ଆହତ ହୋଇଛନ୍ତି ।

# ବ୍ୟବସାୟୀଙ୍କ କବଜାରେ ରାଜରାସ୍ତା: ଲୋକେ ହନ୍ତସନ୍ତ



ବାଲିଆପାଳ-୨୪.୧ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଦୀର୍ଘଦିନ ହେଲା ସିମୁଳିଆ ମାର୍କେଟ ଦେଇ ଖଗଡାପାଳ ରଥ ଖଳା ଠାରୁ ମାନ୍ଧାତା କୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବ୍ୟବସାୟୀଙ୍କ କବଳରେ ଥିବାବେଳେ ଏକମାତ୍ର ରାସ୍ତା ଯେଉଁଠି ରାତିପାହିଲେ ଶହ ଶହ ଲୋକ ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି। ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ରଛାତ୍ରୀ, ଖେଳ ପଡିଆ, ମନ୍ଦିର, ବ୍ୟାଙ୍କ, ଅଗ୍ନିଶମ ଅଫିସ ପ୍ରମୁଖ ଏହି ରାସ୍ତାରେ ଥିବାରୁ ପ୍ରତ୍ୟେହ ଲୋକଙ୍କ ଆତଯାତ ଲାଗିଥାଏ । କିନ୍ତୁ ପରିତାପର ବିଷୟ ମାର୍କେଟ ଭିତରେ ରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉ ନାହିଁ । ପ୍ରଶାସନ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଯଦ୍ୱାରା ସାମାଜିକ ସ୍ଥିରତାକୁ ପ୍ରଭାବିତ ହେଉଛି । ମୁଖ୍ୟ ରାସ୍ତା କୁ ବେଆଇନ ଭାବେ ଜବରଦଖଲ ଯୋଗୁଁ ଛୋଟ ପିଲା, ଛାତ୍ରଛାତ୍ରୀ, ମହିଳା, ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ଏହି ରାସ୍ତରେ ଆସିଲାମାତ୍ରେ ପ୍ରତି ମୁହୂର୍ତ୍ତରେ ଛୋଟ ବଡ଼ ଦୁର୍ଘଟଣାକୁ ସାମ୍ନା କରିବାକୁ ପଡିଥାଏ। ଯଦ୍ୱାରା ନିଜକୁ ସୁରକ୍ଷିତ ମାଣୁନାହାନ୍ତି ଯେଉଁଥି ପାଇଁ ବାଲିଆପାଳ ବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଝରାସ୍ତା ଜବରଦଖଲ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବରୁ ବହୁଥର ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା । ପ୍ରଶାସନକୁ ଚ୍ୟାଲେଞ୍ଜ କରି ଅସାଧୁ ବ୍ୟବସାୟୀମାନେ ରାସ୍ତା ମଝି ପର୍ଯ୍ୟନ୍ତ ଦୋକାନ ସାମଗ୍ରୀ ଖୋଲି ରଖୁଥିବା ହେତୁ ଦୈନିକ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି । କେତେକ ଅସାଧୁ ବ୍ୟବସାୟୀ ରାସ୍ତାରେ ଖଟ ପକାଇ ଦୈନିକ ଭଡ଼ା ହିସାବରେ ଲଗାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଆସୁଛି ।ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ମା' ତାରା ଷ୍ଟିଲ ଫର୍ଣ୍ଣିଚର ଫ୍ୟାକ୍ଟ୍ରିରୁ ଚୋରି

କପ୍ତିପଦା, ୨୪/୧ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ କପ୍ତିପଦା -ଉଦଳା ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ମା ତାରା ଷ୍ଟିଲ ଫର୍ଣ୍ଣିଚର ଫ୍ୟାକ୍ଟ୍ରିରୁ ଚୋରୀ ହୋଇଥିବାର ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ ଉକ୍ତ ଫ୍ୟାକ୍ଟ୍ରିର କାଠ ସଂରଜାମ ତିଆରି ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତିକୁ କୌଣସି ଦୂର୍ବୃର୍ତ୍ତ ଚୋରାଇ ନେଇଯାଇଛନ୍ତି । ଏ ସଂପର୍କରେ ଫ୍ୟାକ୍ଟ୍ରିର ମାଲିକ କାଶୀନାଥ ମଣ୍ଡଳ ସ୍ଥାନୀୟ ଥାନାରେ ଅଭିଯୋଗ କରିବାପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଚୋରୀ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବେବ ବୋଲି ଅନୁମାନ କରାଯାଇଛି ।

# ଚଉମୁଖ ଉପେନ୍ଦ୍ର ନାଥ ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ



ବାଲିଆପାଳ, ୨୪/୧ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଚଉମୁଖ ପଂଚାୟତ ସ୍ଥିତ ଉପେନ୍ଦ୍ର ନାଥ ସରକାରୀ ୟୁ ପି ସ୍କୁଲରେ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକନାରାୟଣ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତଏହି ଉତ୍ସବରେ ପ୍ରାକ୍ତନ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି,ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ରବୀନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ରବୀନ୍ଦ୍ କୁମାର ପ୍ରଧାନ, ସୁଧାଂଶୁ କୁମାର ନାୟକ, ମନ୍ମଥ କୁମାର ପଣ୍ଡା, ଗୌର ଗୋପାଳ ଚନ୍ଦ, ସ୍ନେହମୟୀ ଦେ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ନୈତିକ ଓ ଆଧ୍ୟାତ୍ମିକଶିକ୍ଷା ସମ୍ପର୍କରେ କହିଥିଲେ । ଦେବଦାସ ରଣଜିତ ମଂଚ ଆହ୍ୱାନ, ସଞ୍ଜୟ କୁମାର ଖଣ୍ଡା ଅତିଥି ପରିଚୟ କଲ୍ୟାଣୀ ଭଞ୍ଜ ବିବରଣୀ ପାଠ କରିଥିଲେ । ସଭା ପରେଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକରାଯାଇଥିଲା । ସନ୍ଧ୍ୟାରାଣୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ଜାତୀୟ ଶିକ୍ଷା ଓ ଜାତୀୟ ବାଳିକା ଦିବସ ପାଳିତ




ବେତନଟୀ , ୨୪/୧ (ନି.ପ୍ର): କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଳୀପୁରାସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ) ଇକୋ କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ଶିକ୍ଷା ଓ ଜାତୀୟ ବାଳିକା ଦିବସ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ କଳାକାର ମହାନ୍ତ, ମୁଖ୍ୟ ବକ୍ତା ଭାବରେ ବେତନଟୀ ବ୍ଲକ ମାଧ୍ୟମିକ ଶିକ୍ଷକ ସଂଗଠନ (ଓଷ୍ଟା )ର ସଭାପତି ଶିଶିର କୁମାର ନାୟକ ଯୋଗଦାନ କରି ଜାତୀୟ ବାଳିକା ଏବଂ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବାଳିକା ମାନଙ୍କୁ ସମାଜର ସବୁ କ୍ଷେତ୍ରରେ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ବୋଲି କହିଥିଲେ । ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ସାହିତ୍ୟ ଶିକ୍ଷୟିତ୍ରୀ ରୀତା ରାଣୀ ଦାଶ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସଂସ୍କୃତ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, ଧନ୍ୟବାଦ ଅର୍ପଣ କରିଥିଲେ କ୍ରୀଡା ଶିକ୍ଷକ ଗିରିଜା ଶଙ୍କର ମାହାର୍ଣ୍ଣା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।

## ଉତ୍ତରକାଶୀରେ ଭୂକମ୍ପ: ଘଂଟାଏ ମଧ୍ୟରେ ଦୁଇଥର ଝଟ୍‌କା

ଡେରାଡୁନ, ୨୪/୧ : ଉତରାଖଣ୍ଡର ସୀମାନ୍ତ ଜିଲ୍ଲା ଉତରକାଶୀରେ ଆଜି ସକାଳେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ସୀମାନ୍ତ ଜିଲ୍ଲାରେ ଘଂଟାଙ୍କ ମଧ୍ୟରେ ଦୁଇଥର ଝଟ୍‌କା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୩.୫ ରେକର୍ଡ ହୋଇଛି । ଏହି ସମୟରେ ଘରୁ ବାହାରିଯାଇଥିଲେ ଲୋକେ । ଏବେ ସୁଦ୍ଧା ଧନଜୀବନ ହାନିର କୌଣସି ସୂଚନା ମିଳିନି । ଅନ୍ୟପଟେ ସୁରକ୍ଷିତ ରହିବା ପାଇଁ ସୁରକ୍ଷିତ ସ୍ଥାନରେ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଉତରକାଶୀ ଜରୁରୀକାଳୀନ ପରିଚାଳନ କେନ୍ଦ୍ର ଅନୁସାରେ ପ୍ରଥମ ଝଟ୍ ?କା ସକାଳ ୭.୪୧ ମିନିଟ ସମୟରେ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା୨.୭ ରେକର୍ଡ ହୋଇଥିଲା।

## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ନୀଳଗିରି , ୨୪/୧ (ନି.ପ୍ର): ବାବା ପଞ୍ଚଲିଙ୍ଗେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏହି ଆଠ ଦିନିଆ ଶିବିରରେ ପ୍ରଶିକ୍ଷିକା ଆଦ୍ୟଶା ଦାଶ ଛାତ୍ରୀଙ୍କୁ ବିଭିନ୍ନ ଆତ୍ମରକ୍ଷାର କୌଶଳ ଶିଖାଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଉଦ୍‌ଯାପନି ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଗୌରହରି ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀମାନେ ସାହସୀ ହୋଇ ଶତୃଙ୍କ ସହ ଲଢ଼େଇ କରିବାର କଳାକୌଶଳକୁ ଆୟତ୍ତ କଲେ ଏହି ପ୍ରଶିକ୍ଷଣ ସଫଳ ହେବବୋଲି ସେ କହିଥିଲେ। ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଶିବିରରେ ଇଂରାଜୀ ଅଧାପିକା ଜ୍ୟୋତିର୍ମୟୀ ନାୟକ ସଂଯୋଜନା କରିଥିଲେ ।ଏହି ପ୍ରଶିକ୍ଷଣରେ ୧୫୨ଜଣ ଛାତ୍ରୀ ଭାଗ ନେଇଥିବା ବେଳେ ମୁଖ୍ୟ ଅତିଥି ସେମାନଙ୍କୁ ପୁରସ୍କୃତ କରିଥିଲେ। ଅଧାପକ ଗଙ୍ଗାଧର ପରିଡ଼ା, ରମାକାନ୍ତ ଦାଶ, ଡ.ସୁଶାନ୍ତ କୁମାର ଜେନା, ବାସନ୍ତି ନନ୍ଦ, ପ୍ରମୁଖ ସହଯୋଗ କରଥିଲେ।

# ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାସୁଦେବପୁର, ୨୪/୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୁଲ୍ୟରେ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି। ଏହି ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥଲେ ଅଟଳ ବିହାରୀ ମହାବିଦ୍ୟାଳୟ ର ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ। ଶ୍ରୀଯୁକ୍ତ ସ୍ୱାଇଁ ବାଳିକା ମାନଙ୍କ ସୁରକ୍ଷା ନିମିତ୍ତ କେତେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ତାଇକାଣ୍ଡୋ ସଂଘ ର ସାଧାରଣ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀ। ଶ୍ରୀଯୁକ୍ତ ପାଣିଗ୍ରାହୀ ବାଳିକା ମାନଙ୍କୁ ପ୍ରଶିକ୍ଷଣ ର କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଦୁଇ ସହଯୋଗୀ ମାଷ୍ଟର ଶେଖ୍ ସମିର ଓ ମାଷ୍ଟର ଧନେଶ୍ୱର ଜେନା ବାଳିକା ମାନଙ୍କୁ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଇଥିଲେ। ଏହି ଆତ୍ମ ପ୍ରଶିକ୍ଷଣ ଶିବିରର ସଂଯୋଜିକା ପ୍ରଧାପିକା ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଗିରିଶ ଚନ୍ଦ୍ର ପୃଥାଳ ବାଳିକା ମାନଙ୍କ ଆତ୍ମ ସୁରକ୍ଷା ଶିବିର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସହ ସଂଯୋଜିକା ସୋଫିଆ ଶୁଭ ଦର୍ଶିନୀ ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ରେ ଛାତ୍ରୀ ମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଶିବିର ଜାନୁଆରୀ ୧୧ ତାରିଖ ୨୦୨୫ ମସିହା ଠାରୁ ଆରମ୍ଭ ହୋଇ ୨୪ ତାରିଖ ରେ ଉଦଯାପିତ ହୋଇ ଥିଲା। ବହୁ ସଂଖ୍ୟା ରେ ଛାତ୍ରୀ ମାନେ ଏହି ଶିବିର ରେ ଯୋଗ ଦେଇଥିଲେ।

# ନେତାଜୀକ୍ଲବ ନୂଆପଡା ହଳଦୀପଦାର ୨୪ତମ ବାର୍ଷିକ ଉତ୍ସବ



ବସ୍ତା, ୨୪/୧ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପବିତ୍ର ୧୨୮ତମ ଜନ୍ମ ଜୟନ୍ତୀ ଅବସରରେ ନେତାଜୀ କ୍ଲବ ନୂଆପଡା, ହଳଦୀପଦାର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ସଦର ବିଧାୟକ ମାନସ କୁମାର ଦତ୍ତ ଏହାକୁ ଉଦଘାଟନ କରିଥିବାବେଳେ ଅନୁଷ୍ଠାନ ସମ୍ପାଦକ ବଂଶୀଧର ସାହୁଙ୍କ ମଞ୍ଚ ଆହ୍ୱାନ କ୍ରମେ ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପରିବେଶବିତ ତଥା ବସ୍ତା ଲାୟନ୍ସ କ୍ଲବ ସଭାପତି ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଭାବେ ସମାଜସେବୀ ଆଚାର୍ଯ୍ୟ ବିଜୟଜୀ,ସମ୍ମାନିତ ଅତିଥିଭାବେ ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ, ସମାଜସେବୀ ଅମର କୁମାର ପାଲ, ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, କ୍ଲବ ପ୍ରତିଷ୍ଠାତା ସୁଦାମ ଚରଣ ଲେଙ୍କା, ଅଧ୍ୟାପକ ଜିତେନ୍ଦ୍ର ମିଶ୍ର, ସମାଜସେବୀ ପ୍ରତିମା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପରେ ଅମିୟ ଦାସ କ୍ଷିତିଶ ମଣ୍ଡଳ ଗଣେଶ ଜେନା ରାଜେଶ ପ୍ରଧାନ ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ପ୍ରାଇଜ ଓ ସାର୍ଟିଫିକେଟ ପ୍ରଦାନ ସହ ୧୮ଟି ଏସ ଏଚି ଗ୍ରୁପର ମାଆ ମାନଙ୍କୁ ନେଇ ପିଠାପଣା ସହ ସୁସ୍ୱାଦ ଖାଦ୍ୟ ପ୍ରତିଯୋଗୀତାର ପ୍ରଥମ ଦ୍ୱିତୀୟ ତୃତୀୟ ହୋଇଥିବା ଗ୍ରୁପକୁ କେସ ପ୍ରାଇଜ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ରାଜୀବ ଦେ ,ନଗେନ୍ଦ୍ର ବାରିକ, ଶିବସୁନ୍ଦର ବେହେରା, ପ୍ରଦୀପ କୁମାର ସେଠୀ, ବାଦଲ ସାହୁ, ଅବିନାଶ ସାହୁ ବୈରାଗୀ ଜେନା ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶେଷରେ ଜଗନ୍ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପବନ୍ଧୁ ନଗର ପ୍ରେସ କ୍ଲବର ଷଷ୍ଠ ବାର୍ଷିକ ଉତ୍ସବ




ବଡ଼ସାହି , ୨୪/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ପ୍ରେସ କ୍ଲବର ଷଷ୍ଠ ବାର୍ଷିକ ଉତ୍ସବ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡିଓ ପୃଥିରାଜ ପରିଡା, ମୁଖ୍ୟ ବକ୍ତା ବ୍ଲକ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୁବଳ ଦାସ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଅଗ୍ରୱାଲା ପ୍ରମୁଖ ଯୋଗ ଦେଇ ସମାଜ ଗଠନରେ ଗଣ ମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଗଣ ମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରେସ କ୍ଲବର ସଂପାଦକ ଡକ୍ଟର କୁମାର ବାବୁଲି ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବ ପକ୍ଷରୁ ତିନି ବରିଷ୍ଠ ସାମ୍ବାଦିକ ବାରିପଦା ରୁ ବିଜୟ ଅଗ୍ରୱାଲା, ଉଦଳାରୁ ସନ୍ତୋଷ କୁମାର ବାଛିନି ଓ ଶଶିକାନ୍ତ ମିଶ୍ର, କୃଷକ ବନ୍ଧୁ ସମ୍ମାନ ଭାବେ ବରଡିହିର ଦୟାନିଧି ପାଢୀ ଓ ସାଇଁକୁଳା ଗ୍ରାମର ଦୀପକ କୁମାର ବେହେରା କୁଂ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ, ସହ ସଂପାଦକ ଶାନ୍ତନୁ କୁମାର ମଢୁଆଳ, କୋଷାଧକ୍ଷ ଯୋଗେଶ୍ୱର ସାହୁ, ସଦସ୍ୟ ହୀରେନ କୁମାର ରାୟ, ସମ୍ମିତ କୁମାର ରାଉତ, ବିଶ୍ୱଜିତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଡସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା।

# ଆଧାର ନାହିଁତ ପାଠ ନାହିଁ: ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ 'ସୀତା' ଓ 'ଶାନ୍ତି'

ଉଦଳା , ୨୪/୧ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ବ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବେରଗା ସିଂଙ୍କର ୯ ବର୍ଷ ବୟସର କନ୍ୟା 'ଶାନ୍ତି' ଓ ଲାଲମୋହନ ମୁର୍ମୁଙ୍କର ୧୦ ବର୍ଷ ବୟସର କନ୍ୟା 'ସୀତା' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ଖବର ନେବାରୁ 'ସୀତା' ଓ 'ଶାନ୍ତି'ଙ୍କର ଆଧାର କାର୍ଡ଼ ନଥିବା ଯେଉଁ ତାଙ୍କୁ କୌଣସି ବିଦ୍ୟାଳୟ ଆଡ଼ମିସନ ନନେଇ ଫେରାଇ ଦେଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ସୀତା' ଓ 'ଶାନ୍ତି'ଙ୍କ ପରି ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ସେହିପରି ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ମଧ୍ୟ 'ସୀତା' ଓ 'ଶାନ୍ତି' ବଂଚିତ ଅଛନ୍ତି । ସମଗ୍ର କପ୍ତିପଦା ଉପଖଣ୍ଡରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି ଅଥଚ ଏଠାରେ କିପରି ଶହ ଶହ ସଂଖ୍ୟାରେ କେବଳ ଆଦିବାସୀ ପିଲା ବିଦ୍ୟାଳୟର ମାଟି ମାଡ଼ିନପାରି ରହିଯାଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo